## ଜମି ହଡ଼ପ, ଆକ୍ରମଣ: ୨ ଗିରଫ

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି):ଅନ୍ୟର ଜମିକୁ ହଡ଼ପ କରି ଘର କରିବା ଏବଂ ପଥରରେ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୋମନାଥ ଭୋଇ ଏବଂ ମଧୁସୂଦନ ଭୋଇ। ଅଭିଯୋଗକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଲିଖିତ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା।



# ପିସିଆର କର୍ମଚାରୀଙ୍କ ପାଇଁ ନିର୍ଦ୍ଦେଶାବଳୀ

ଭୁବନେଶ୍ୱର,୨୭।୨(ତ୍ରିନାଥ ମହାନ୍ତି): ପିସିଆର୍ କର୍ମଚାରୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କଲେ ଡିସିପି। ଏନେଇ ସମସ୍ତ ଥାନାର ପିସିଆର ଗାଡ଼ିରେ ନୋଟିସ୍ ଲଗାଯାଇଛି। ଏସ୍ଓପି, କନଷ୍ଟେବଲ, ହୋମଗାର୍ଡ ପ୍ରମୁଖ ଡ୍ୟୁଟି କରିବା ସମୟରେ ନିର୍ଦ୍ଦେଶାବଳୀ ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନଙ୍କୁ ସସ୍‌ପେଣ୍ଡ ଏବଂ କାର୍ଯ୍ୟରୁ ନିବୃତ୍ତ କରାଯିବ ବୋଲି କୁହାଯାଇଛି। ପୂର୍ବରୁ ମଧ ପିସିଆର ଭ୍ୟାନ୍ କର୍ମଚାରୀମାନେ ରାତି ହେଲେ କୌଣସି ଅନ୍ଧାରୁଆ ସ୍ଥାନରେ ଗାଡି ରଖି ଶୋଇ ପଡୁଥିଲେ। ଏପରିକି ଅନେକ ସମୟରେ ସେମାନେ ମଦ ପିଇ ଡ୍ୟୁଟି କରୁଛନ୍ତି। ଆହୁରି ମଧ ଲୋକଙ୍କୁ ଦୁର୍ବ୍ୟବହାର କରିବା ସହ ବିଭିନ୍ନ ଦୋକାନୀ, ହୋଟେଲ ଠାରୁ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଏଣିକି ଗାଇଡ୍‌ଲାଇନ ନ ମାନିଲେ ତାଗିଦ ନୁହେଁ, ସିଧା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ନୋଟିସ ମରାଯିବା ସହ ସେମାନଙ୍କୁ ମଧ ମୌଖିକ ଭାବେ କୁହାଯାଇଛି। ତେଣୁ ପିସିଆର କର୍ମଚାରୀ ଏଥର ଶୃଙ୍ଖଳାର ସହ କାମ କରିବେ ବୋଲି ଆଶା କରାଯାଉଛି।

# ଆଚାର୍ଯ୍ୟ ହରିହରଙ୍କ ଜୀବନଦର୍ଶନ ସମାଜ ପାଇଁ ପଥ ପ୍ରଦର୍ଶକ

## ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୭।୨(ସୌମ୍ୟରଞ୍ଜନ ରାଉତ)



ଆଚାର୍ଯ୍ୟ ହରିହରଙ୍କ ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେଇଥିବା ଅତିଥି।

ଓଡ଼ିଶାର ଗାନ୍ଧୀବାଦୀ ଆନ୍ଦୋଳନ, ସର୍ବୋଦୟ ଚେତନା ଓ ଭୂଦାନ ଆନ୍ଦୋଳନର ପ୍ରମୁଖ ପ୍ରତିନିଧି ଥିଲେ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସ। ସେ ନିଜର ତ୍ୟାଗମୟ ଜୀବନ, ନିଷ୍କାମ ସେବାଭାବ ଓ ଶିକ୍ଷା ପ୍ରସାର ପ୍ରତି ଅତୁଟ ନିଷ୍ଠା ମାଧ୍ୟମରେ ଓଡ଼ିଆ ସମାଜରେ ଗଭୀର ପ୍ରଭାବ ପକାଇ ଯାଇଛନ୍ତି। ତାଙ୍କ ଆଦର୍ଶ ଓ କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଜୟନ୍ତୀ ଅବସରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଶିକ୍ଷା ଓ ସମାଜସେବାମୂଳକ ଅବଦାନ ଉପରେ ଆଲୋକପାତ କରିଥିଲେ। ନୈତିକତା, ସେବା ଓ ତ୍ୟାଗରେ ଆଧାରିତ ତାଙ୍କ ଜୀବନଦର୍ଶନ ଆଜିର ସମାଜ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ପଥପ୍ରଦର୍ଶକ ବୋଲି ସେ କହିଥିଲେ। ପରିଷଦ ସଭାପତି ଭାଗବତ ପ୍ରସାଦ ଦାସ ଆଚାର୍ଯ୍ୟ ହରିହରଙ୍କୁ ଜଣେ ଋଷିପ୍ରତୀମ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ସରଳ ଜୀବନ ଓ ଉଚ୍ଚ ଚିନ୍ତାଧାରା ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସଂଗ୍ରାମ କେଶରୀ ରାଉତ ଯୋଗଦେଇ ହରିହରଙ୍କ ସ୍ୱାଧୀନତା ସଂଗ୍ରାମରେ ସହଭାଗୀତା, ଗାନ୍ଧୀବାଦୀ ମୂଲ୍ୟବୋଧର ପ୍ରଚାର ଓ ସମାଜ ସଂସ୍କାରମୂଳକ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ତାଙ୍କ ସେବାମୟ ପଥ ଓଡ଼ିଶାର ସାମାଜିକ ଇତିହାସରେ ଚିରସ୍ମରଣୀୟ ହୋଇ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ନିବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଭାଗର ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲରେ ବୁଡ଼ି ବୃଦ୍ଧା ମୃତ

ବାରଙ୍ଗ,୨୭।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମର ଜଣେ ବୃଦ୍ଧା ବାରଙ୍ଗ-ପୁରୀ ମୁଖ୍ୟ କେନାଲରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତା ଜଣକ ଉକ୍ତ ଗ୍ରାମର ଶାନ୍ତିଲତା ବେହେରା (୭୫)। ତାଙ୍କ ପୁଅ ସନ୍ଦୀପଙ୍କ କହିବା ଅନୁଯାୟୀ, ସେ ପ୍ରତିଦିନ ଭୋରୁ ଉଠି ନିତ୍ୟକର୍ମ ସାରିଥାନ୍ତି। ଘର ଟାଙ୍କିରେ ପାଣି ନ ଥିବାରୁ ଶୁକ୍ରବାର କେନାଲକୁ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ତାଙ୍କର ଚପଲ କେନାଲତୁଠରେ ଥିବା ଦେଖିବାକୁ ପାଇଥିଲେ। ସେମାନଙ୍କର ସନ୍ଦେହ ହେବାରୁ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି ପରେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଥିଲା। ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଛି।

# ଆଇବିଡ଼ି-କୋଲାଇଟିସ୍ ରୋଗ ଚିକିତ୍ସାକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୨(ଅନୁରାଧା ମହାରଣା)

ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର ସାଇନ୍ସେସ



ବାରମ୍ବାର ପତଳା ଝାଡା, ଅଧିକ ଦିନ ଧରି ପେଟରେ ଯନ୍ତ୍ରଣା ହେବା, ପେଟ କାମୁଡି ଧରିବା, ଥକ୍କା କିମ୍ବା ଦୁର୍ବଳ ଲାଗିବା, ଆଣ୍ଠୁ ଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିବା, ସମୟ ସମୟରେ ଜ୍ୱର ଆସିବା, ଓଜନ ହ୍ରାସ ହେବା, ଝାଡାରେ ରକ୍ତ କିମ୍ବା ଲାଳ ପଡିବା ହେଉଛି ଆଇବିଡ଼ି - କୋଲାଇଟିସ ରୋଗର ଲକ୍ଷଣ। ଯଦି ଏମିତି ସମସ୍ୟା ଦେଖାଯାଉ ଥାଏ ତା'ହେଲେ ଏହି ରୋଗୀଙ୍କ ପାଇଁ ଟିକେ ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଏଥିପାଇଁ ସାମାନ୍ୟ ଲମ୍ବା ସମୟ ଧରି ଚିକିତ୍ସା କରିବାକୁ ପଡିଥାଏ। ଏଥିପ୍ରତି ଚିକିତ୍ସକଙ୍କୁ ବି ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଏଥିପାଇଁ ଭୁବନେଶ୍ୱରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର ସାଇନ୍ସେସଠାରେ ଆଇବିଡ଼ି - କୋଲାଇଟିସ ରୋଗୀଙ୍କ ପାଇଁ ସପ୍ତାହରେ ଦୁଇଦିନ ବୁଧବାର ଓ ଶନିବାର କେବଳ ଏହି ରୋଗୀଙ୍କ ଚିକିତ୍ସା ପାଇଁ ସ୍ଥିର କରାଯାଇଛି। ଆଇବିଡ଼ି - କୋଲାଇଟିସ ରୋଗ ବିଶେଷଜ୍ଞ ପ୍ରଫେସର ସୁବାଶ ଚନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯିବ ବୋଲି ଏହାର ସଂସ୍ଥାପକ ଆଶୁତୋଷ ମହାପାତ୍ର ସୂଚନା ଦେଇଛନ୍ତି।

# ମନୋଜଙ୍କ ସାହିତ୍ୟ ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିଛି

ଭୁବନେଶ୍ୱର,୨୭।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ ଥିଲେ କଥାକାର ପଦ୍ମଭୂଷଣ ମନୋଜ ଦାସ। ତାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। କେବଳ ଓଡ଼ିଆ ନୁହେଁ, ଇଂଲିଶ୍ ଭାଷାରେ ମଧ ସେ ଅନେକ ପୁସ୍ତକ ରଚନା କରିଛନ୍ତି। ମନୋଜଙ୍କ ଗଳ୍ପ, ଉପନ୍ୟାସ, ପ୍ରବନ୍ଧରେ ମଣିଷ ମନର ସମ୍ବେଦନା, ସାମାଜିକ ବାସ୍ତବିକତା ଏବଂ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀର ଏକ ସୁନ୍ଦର ସମନ୍ୱୟ ଦେଖିବାକୁ ମିଳିଥାଏ। ତାଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ମନୋଜଙ୍କ ଆଦର୍ଶ, ଦର୍ଶନ ଓ ମୂଲ୍ୟବୋଧ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ସମସ୍ତ ଯୁବସ୍ରଷ୍ଟାମାନଙ୍କୁ ନିଶ୍ଚିତ ରୂପେ ପ୍ରେରିତ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମନୋଜ ଦାସ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ କଥାପୁରୁଷ ମନୋଜ ଦାସଙ୍କ ୯୩ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କଥାକାର ଆଦିକନ୍ଦ ସାହୁ, କଥାକାର ଯଶୋଧରା ମିଶ୍ର, ସାହିତ୍ୟିକ ପବିତ୍ର ମୋହନ ଦାଶ, ମନୋଜ ଦାସ ସ୍ମୃତି ସଂସଦ ଅଧକ୍ଷ ଅଧ୍ୟାପକ ବିଶ୍ୱରଞ୍ଜନ, ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ, କାର୍ଯ୍ୟନିର୍ବାହୀ ସମ୍ପାଦକ ସରୋଜ ବଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ମନୋଜଙ୍କ ସ୍ମୃତିଚାରଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଉତ୍ସବ ପରିଚାଳନା କରିଥିଲେ।




ପଦ୍ମଭୂଷଣ ମନୋଜ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।



୮ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଅନୁଷ୍ଠିତ ଆମରଣ ଅନଶନ। (ଫଟୋ: ମନୋରଞ୍ଜନ ମିଶ୍ର)

# ନିଖିଳ ଓଡ଼ିଶା ଠିକାଦାର ମହାସଂଘର ଆମରଣ ଅନଶନ

ଭୁବନେଶ୍ୱର,୨୭।୨(ସୁଚିସ୍ମିତା ସାହୁ)

୮ ଦଫା ଦାବି ନେଇ ଗତ ୨୦ ତାରିଖରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଥିବା ନିଖିଳ ଓଡ଼ିଶା ଠିକାଦାର ମହାସଂଘ କର୍ମକର୍ତ୍ତାମାନେ ଶୁକ୍ରବାରଠାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସେମାନଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନ ନେବାରୁ ଆନ୍ଦୋଳନକୁ ବ୍ୟାପକ କରିଛନ୍ତି। ଆମରଣ ଅନଶନରେ ରାଜ୍ୟର ୩ ପ୍ରମୁଖ ଠାକାଦାର(ଆଲୋକ, ପାନୀୟ ଜଳ ଓ ସ୍ୱେରେଜ୍) ସଂଘର ମିଳିତ ମଞ୍ଚ କର୍ମକର୍ତ୍ତା ଓ ଠିକାଦାରମାନେ ସାମିଲ ହୋଇଛନ୍ତି। ଆନ୍ଦୋଳନ ଯୋଗୁ ଏବେ ୭୦ ହଜାର ଠିକାଦାର ଓ ତାଙ୍କ ସହ ଜଡ଼ିତ ୫୦ ଲକ୍ଷ ପରିବାର ପ୍ରଭାବିତ ହେବେ। ଏହାଦ୍ୱାରା ରାଜ୍ୟବ୍ୟାପୀ ସରକାରୀ ନିର୍ମାଣ କାର୍ଯ୍ୟ ଠପ୍ ହେବ ବୋଲି ମିଳିତ ମଞ୍ଚର ଆବାହକ ଅନିଲ କୁମାର ମହାଲିକ କହିଛନ୍ତି। ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ୧୮ ଫେବୃଆରୀ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ ନ କଲେ ୨୦ ତାରିଖରେ ସମସ୍ତ ନିର୍ମାଣ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦକରି ରାଜଧାନୀ ରାଜରାସ୍ତାରେ ବିଶାଳ ବିକ୍ଷୋଭ ସମାବେଶ ହେବାନେଇ ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ପୂର୍ତ୍ତ ବିଭାଗ ସର୍କୁଲାର ରଦ୍ଦକରି ଟେଣ୍ଡର ମୂଲ୍ୟକୁ 0.00%ରୁ କମ୍ ନ କରିବା ପାଇଁ ନୂତନ ଆଇନ ପ୍ରଣୟନ, ଏସ୍ଓଆର୍ ସ୍ଥିରୀକରଣ, ଟେଣ୍ଡର ସୀମା ବୃଦ୍ଧି, ଏକ ରାଜ୍ୟ ଏକ ଆଇନ, ଖଣିଜ ଦ୍ରବ୍ୟ ସମସ୍ୟା ଦୂର, ଜରିମାନା ଛାଡ଼, ଦରଦାମ୍ ବୃଦ୍ଧି ହିସାବ ଆଦି ୮ ଦଫା ଦାବି ଉପସ୍ଥାପନ କରିଛି ମିଳିତ ମଞ୍ଚ। ଆଗାମୀ ଦିନରେ କାର୍ଯ୍ୟବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ଓ ରାଜ୍ୟର ବିକାଶଧାରା ପ୍ରଭାବିତ ହେଲେ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଓୟୁଟିଆର୍‌ରେ 'ଶୋଧଧାରା' ଉଦ୍‌ଘାଟିତ

ଭୁବନେଶ୍ୱର,୨୭।୨
(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ପକ୍ଷରୁ ଶୁକ୍ରବାର ୨ଦିନିଆ ବାର୍ଷିକ ଗବେଷଣା ସମ୍ମେଳନ 'ଶୋଧଧାରା ୨୦୨୬' ଉଦ୍‌ଘାଟିତ ହୋଇଯାଇଛି। ଗବେଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କୁ ନବୀନ ଗବେଷଣା ପ୍ରସ୍ତୁତି ପାଇଁ ଏହା ଏକ ମଞ୍ଚ ପ୍ରଦାନ କରିଥିବାବେଳେ ବିଜ୍ଞାନ, ଯାନ୍ତ୍ରିକୀ ଓ ପ୍ରଯୁକ୍ତି ବିଭାଗର ବିଭିନ୍ନ କ୍ଷେତ୍ରରୁ ଗବେଷକମାନେ ଅଂଶଗ୍ରହଣ କରିଛନ୍ତି। ଚଳିତବର୍ଷ ଏହି ସମ୍ମେଳନ ପାଇଁ ୨୦୦ରୁ ଅଧିକ ଆବ୍‌ଷ୍ଟ୍ରାକ୍ଟ ଦାଖଲ ହୋଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚର ବେଦାଙ୍ଗ ଦାସ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରି ଓୟୁଟିଆର୍ କୁଳପତି ବିଭୂତି ଭୂଷଣ ବିଶ୍ୱାଳ ଏଆଇର ଉପଯୋଗିତା ସମ୍ପର୍କରେ କହିଥିଲେ। ଏଆଇ ମାନବସମ୍ବଳକୁ କ୍ଷତି ପହଞ୍ଚାଇବ ବୋଲି ଛାତ୍ରୀଛାତ୍ରମାନେ ମନରେ ଧାରଣା ନ ରଖି ଏହାକୁ ସକରାତ୍ମକ ଦିଗରେ ବ୍ୟବହାର ପାଇଁ ସେ ପରାମର୍ଶ ଦେଇଥିଲେ। ପିଆଇସିର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ଅମିତାଭ ଚାଟାର୍ଜୀ, ବରଦାକାନ୍ତ ମିଶ୍ର ଏବଂ ବିଦ୍ୟାଧର ସୁବୁଦ୍ଧି ଅଭିଭାଷଣ ରଖିଥିଲେ। ଏହି ଅବସରରେ ମୌଖିକ ଓ ପୋଷ୍ଟର ପ୍ରସ୍ତୁତି ଅଧିବେଶନ ଅନୁଷ୍ଠିତ ହୋଇଥିଲା।



ଓୟୁଟିଆର୍‌ରେ 'ଶୋଧଧାରା'ର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି।

# କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ନାଁରେ କଂଗ୍ରେସର ଏତଲା

ଭୁବନେଶ୍ୱର,୨୭।୨(ରବିନାରାୟଣ ଜେନା)

ବିବାଦୀୟ ଏପଷ୍ଟିନ୍ ଫାଇଲ୍ସରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ନାମ ଉଲ୍ଲେଖ ହେବା ଏବଂ ନିର୍ବାଚନରୁ ରାହୁଲ ଗାନ୍ଧୀଙ୍କୁ ଦୂରେଇ ରଖିବା ପାଇଁ କହିଥିବା ସାଂସଦ ନିଶିକାନ୍ତ ଦୁବେଙ୍କ ଗିରଫ ଦାବିରେ ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଏକ ପ୍ରତିବାଦ କାର୍ଯ୍ୟକ୍ରମ ସ୍ଥାନୀୟ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଉପରୋକ୍ତ ନେତାଙ୍କ ବହିଷ୍କାର ଓ ଗିରଫ ଦାବିରେ ଏକ ଏତଲା ଡିସିପିଙ୍କୁ ପ୍ରଦାନ କରାଯାଇଛି ।

# ଭାରତୀୟ ଜ୍ଞାନ ପରମ୍ପରା ଏକ ଜୀବନ୍ତ ଶାସନ ବ୍ୟବସ୍ଥା

ଭୁବନେଶ୍ୱର,୨୭।୨(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ପକ୍ଷରୁ 'ଭାରତୀୟ ଜ୍ଞାନ ପରମ୍ପରା: ସାମ୍ପ୍ରତିକ ଶାସନ ବ୍ୟବସ୍ଥାରେ ଏହାର ପ୍ରାସଙ୍ଗିକତା' ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଅତିଥିମାନେ ସାମ୍ପ୍ରତିକ ଶାସନ ଏବଂ ପ୍ରଶାସନିକ ପ୍ରକ୍ରିୟାରେ ଭାରତୀୟ ସଭ୍ୟତାର ପ୍ରାଚୀନ ଜ୍ଞାନର ଉପଯୋଗିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ଅର୍ଥଶାସ୍ତ୍ର ଏବଂ ଭଗବତ୍ ଗୀତାରୁ ନୈତିକ ଉଦାହରଣ ଦେଇ କହିଲେ, ଭାରତୀୟ ଜ୍ଞାନ ପରମ୍ପରା କେବଳ ଅତୀତର ସ୍ମୃତି ନୁହେଁ, ବରଂ ଏହା ଏକ ଜୀବନ୍ତ ବ୍ୟବସ୍ଥା, ଯାହା ଆଧୁନିକ ପ୍ରଶାସନକୁ ଦିଗ୍‌ଦର୍ଶନ ଦେଇପାରିବ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ 'ଓଁ'କାର, କର୍ମବାଦ ଏବଂ 'ବସୁଧୈବ କୁଟୁମ୍ବକମ୍' ଭଳି ଉଚ୍ଚକୋଟୀର ଚିନ୍ତାଧାରା ଉପରେ ଆଲୋକପାତ କରି ଶାସନ ବ୍ୟବସ୍ଥା 'ଧର୍ମ' ଓ 'ନ୍ୟାୟ' ଦ୍ୱାରା ପରିଚାଳିତ ହେବା ଉଚିତ ବୋଲି ମତ ଦେଇଥିଲେ। କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦାଣ୍ଡପାଟ ଶାସନ ବ୍ୟବସ୍ଥାରେ ଧର୍ମ, ଅର୍ଥ ଓ କାମର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିବା ବେଳେ କୁଳସଚିବ ଡ. ସ୍ୱାତୀ ମିଶ୍ର 'ପ୍ରଜାଙ୍କ ସୁଖରେ ହିଁ ରାଜାଙ୍କ ସୁଖ' ନୀତିର ପ୍ରାସଙ୍ଗିକତା ବୁଝାଇଥିଲେ। ପ୍ରଫେସର ମିତାଲି ଚିନ୍ନାରା ଆଲବର୍ଟ ଆଇନଷ୍ଟାଇନଙ୍କ ଉକ୍ତି ଉଦ୍ଧାର କରି ଭାରତୀୟ ଜ୍ଞାନର ବିଶ୍ୱସ୍ତରୀୟ ଗୁରୁତ୍ୱ ବିଷୟରେ କହିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରତିମା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ପ୍ରଫେସର ଡ. ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶାସନ ନୀତି ଏବଂ ଚାଣକ୍ୟଙ୍କ ଅର୍ଥଶାସ୍ତ୍ର ଉପରେ ଆଧାରିତ ତିନୋଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।




ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀଙ୍କ ସହ ଅନ୍ୟ ଅତିଥିମାନେ।

# ତଥ୍ୟ ଆଧାରିତ ଶିକ୍ଷା ପରିଚାଳନାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

## ୟୁ-ଡାଇସ ପ୍ଲସ୍ ସମ୍ବନ୍ଧୀୟ ଜାତୀୟ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୭।୨(ସୁଚିସ୍ମିତା ସାହୁ)




ଓସେପା ପକ୍ଷରୁ ପ୍ରସ୍ତୁତ ୟୁ-ଡାଇସ୍ ପ୍ଲସ୍ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଜାତୀୟସ୍ତରରେ ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ତଥ୍ୟ ପ୍ରଣାଳୀ 'ୟୁ-ଡାଇସ୍ ପ୍ଲସ୍' ସମ୍ବନ୍ଧୀୟ ଦୁଇଦିବସୀୟ ଜାତୀୟ କର୍ମଶାଳା ଶୁକ୍ରବାର ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ସମଗ୍ର ଶିକ୍ଷା, ବିଭିନ୍ନ ଶିକ୍ଷା ବୋର୍ଡ ଓ ଦେଶବ୍ୟାପୀ ମୁଖ୍ୟ ଶିକ୍ଷା ବିଭାଗ ଓ ସଂଗଠନର ବରିଷ୍ଠ ଅଧିକାରୀ ଯୋଗଦେଇ ତଥ୍ୟ ଆଧାରିତ ଶିକ୍ଷା ପରିଚାଳନାକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସ୍ଇଏଲ୍)ର ଅତିରିକ୍ତ ଶାସନ ସଚିବ ଧୀରଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ସ୍ୱଚ୍ଛତା, ଦାୟିତ୍ୱବୋଧତା ଏବଂ ପ୍ରଭାବଶାଳୀ ନୀତି କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ନିମନ୍ତେ ନିର୍ଭରଯୋଗ୍ୟ ଓ ସମୟୋପଯୋଗୀ ଶିକ୍ଷାଗତ ତଥ୍ୟର ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ୟୁ-ଡାଇସ୍ ପ୍ଲସ୍ ଭଳି ଏକ ତଥ୍ୟ ପ୍ରଣାଳୀ ସମସ୍ତ ସ୍ତରରେ ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଧୀରଜ କହିଛନ୍ତି। ଡିଓଏସ୍ଇଏଲ୍‌ର ଉପ-ନିର୍ଦ୍ଦେଶକ (ଜେନେରାଲ) ଡ. ପଙ୍କଜ କେ.ପି.ଶ୍ରେୟାସକର ଯୋଗଦେଇ କହିଲେ, ଜାତୀୟ ଶିକ୍ଷା ନୀତି-୨୦୨୦ ସମେତ ପ୍ରମୁଖ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ସମର୍ଥନ କରିବାରେ ୟୁ-ଡାଇସ ପ୍ଲସର ରଣନୈତିକ ଗୁରୁତ୍ୱ ରହିଛି। ଠିକ୍ ତଥ୍ୟ ପ୍ରଭାବଶାଳୀ ଶିକ୍ଷା ଯୋଜନାର କାର୍ଯ୍ୟାନ୍ୱୟନ ଓ ତଦାରଖ କରିବାରେ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର କମିଶନର ବିକାଶ ଗୁପ୍ତା, ଡିଓଏସ୍ଇଏଲ୍‌ର ଅର୍ଥନୈତିକ ପରାମର୍ଶଦାତା ଏ. ଶ୍ରୀଜା, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ. ତିରୁମାଲା ନାୟକ ଏବଂ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଓସେପା ପକ୍ଷରୁ ୟୁ-ଡାଇସ୍ ପ୍ଲସ୍‌ର ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଟି.ଏସ୍.ଜି ମୁଖ୍ୟ ପରାମର୍ଶଦାତା ଅଳକା ମିଶ୍ର କର୍ମଶାଳା ପରିଚାଳନା କରିଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ସି. ଏଚ. ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଞ୍ଚାଳନ ଏବଂ ଓସେପାର ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳରେ ୟୁ-ଡାଇସ ପ୍ଲସ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଅଧିକ ଆଲୋଚନା କରାଯିବା ସହ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସେମାନଙ୍କ ୟୁ-ଡାଇସ୍ ପ୍ଲସ୍ ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିବେ।

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ
### ୩ ଦିନ ହେବ ନିଖୋଜ ଥିଲେ

ଟାଙ୍ଗୀ,୨୭।୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଏନ୍ଏସି ଗୋଡ଼ିପାଟଣା ସାହି ସ୍ଥିତ ଡିଗୀ ପୋଖରୀରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଏନ୍ଏସି ଅନ୍ତର୍ଗତ ଷଣ୍ଢସାହିର ମାନସ ଷଣ୍ଢ(୩୦)। ସୂଚନା ମୁତାବକ, ତିନିଦିନ ହେବ ମାନସ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳେ ଲୋକେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଜଣେ ଯୁବକ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ମୃତଦେହ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଟାଙ୍ଗୀ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ଲୁହାରଡ୍ ଚୋରି କରି ଜଣେ ଗିରଫ

ଝାଁଲା,୨୭।୨(ବୁଲା ବାରିକ)

ଏକ ନିର୍ମାଣାଧୀନ ସଂସ୍ଥାରୁ ଲୁହାରଡ୍ ଚୋରି କରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ମଦନପୁର ଶବର ସାହିର ବାଳକୃଷ୍ଣ ମାଝି। ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ସୂଚନା ମୁତାବକ, ମଦନପୁରଠାରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଗୁରୁବାର ପ୍ରାତଃରେ ବାଳକୃଷ୍ଣ ଏକ କନଷ୍ଟ୍ରକ୍ସନ ସାଇଟ ଭିତରେ ପ୍ରବେଶ କରି ନିର୍ମାଣ କାର୍ଯ୍ୟ ଲାଗି ରହିଥିବା ଲୁହାରଡ ମଧ୍ୟରୁ ୩୦କେଜି ଓଜନର ୨୦ଟି କଟପିସ ଚୋରି କରି ନେଇଯାଇଥିଲେ। ଏନେଇ ମଳୟ ନାୟକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଚଳାଇ ବାଳକୃଷ୍ଣଙ୍କୁ ଗିରଫ କରିଥିଲା।

### ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

ଝାଁଲା,୨୭।୨(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଭୁଆସୁଣୀ ମନ୍ଦିର ସମ୍ମୁଖରୁ ଶୁକ୍ରବାର ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଯାଇଛନ୍ତି। ଲୁଟର ଶିକାର ହୋଇଥିବା ମହିଳା ଜଣଙ୍କ ହେଲେ ନୟାଗଡ଼ ଜିଲା ଭାପୁର କଇଁଫୁଲିଆ ଗ୍ରାମର ତାରେଶ୍ୱର ନାୟକଙ୍କ ସ୍ତ୍ରୀ କୁନି। ସୂଚନା ମୁତାବକ, ତାରେଶ୍ୱର ପରିବାର ସହ ଖଣ୍ଡଗିରି ଥାନା ଅଧୀନ ସରକନ୍ତରା ଗ୍ରାମରେ ରୁହନ୍ତି। ଗୁରୁବାର ସୁଦଶା ବ୍ରତ ଥିବାରୁ ତାରେଶ୍ୱର ଓ ସ୍ତ୍ରୀ କୁନି ଗ୍ରାମକୁ ଯାଇଥିଲେ। ଶୁକ୍ରବାର ଅପରାହ୍ନ ୪ଟାରେ ସରକନ୍ତରା ଫେରୁଥିଲେ। ଭୁଆସୁଣୀ ମନ୍ଦିର ଅତିକ୍ରମ କରୁଥିବା ବେଳେ ପଛରୁ ଜଣେ ଯୁବକ ପଲସରରେ ଆସି ହଠାତ୍ ତାରେଶ୍ୱରଙ୍କ ଗାଡ଼ି ପାଖରେ ଅଟକିଥିଲେ। ଏହାପରେ କୁନିଙ୍କ ବେକରୁ ସୁନାଚେନ ଝାମ୍ପି ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ପଳାଇଥିଲେ। ତାରେଶ୍ୱର ଓ କୁନି ଚିତ୍କାର କରି ଗାଡ଼ିରେ କିଛି ବାଟ ଗୋଡ଼ାଇଥିଲେ ମଧ୍ୟ ଲୁଟେରାର ଟେର୍ ପାଇ ନ ଥିଲେ।

# ସମନ୍ୱୟ ରଖି କାର୍ଯ୍ୟ କଲେ ଯୋଜନା ସଫଳ ହେବ

## ବୋଲଗଡ଼ ପଞ୍ଚାୟତ ସମିତି ଉନ୍ନୟନ ବୈଠକ

ବୋଲଗଡ଼,୨୭।୨(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ସମିତିର ଉନ୍ନୟନ ସମନ୍ୱୟ ବୈଠକ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବ୍ଲକ ଅଧକ୍ଷା ହୁଲାସ ପ୍ରଧାନ, ଉପାଧକ୍ଷ ରମେଶ ସାହୁ, ଜିଲାପରିଷଦ ସଭ୍ୟ ସୁବାସ ରାୟଗୁରୁ ଓ ପ୍ରଦୀପ୍ତ ଛୋଟରାୟ, ବିଡ଼ିଓ ସୁମନ ସୁଧା କୁଣ୍ଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଏବିଡ଼ିଓ ଡ. ରତିକାନ୍ତ ମିଶ୍ର, ବ୍ଲକ ପ୍ରଶାସନର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ବିଧାୟକ ପ୍ରଦୀପ ସାହୁ ଏବଂ ଅଧିକାରୀମାନେ।

ଏହି ଅବସରରେ ସାଂସଦ ଓ ବିଧାୟକ ପାଣ୍ଠି, ଆମଗାଁ ଆମ ବିକାଶ ଓ ଅନ୍ୟାନ୍ୟ ଯୋଜନା ଅନ୍ତର୍ଗତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଭିନ୍ନ ପଞ୍ଚାୟତ ଲୋକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା, ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପଞ୍ଚାୟତ ସମିତିର ସାମଗ୍ରିକ ବିକାଶ ପାଇଁ ସବୁ ବିଭାଗ ନିଜନିଜ ଭିତରେ ସମନ୍ୱୟ ରଖି କାର୍ଯ୍ୟ କଲେ ସରକାରୀ ଯୋଜନା ସବୁ ସଫଳ ରୂପାୟନ ହୋଇପାରିବ ବୋଲି ବିଧାୟକ ସାହୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ସୂଚନାଥାଉ କି, ବିଡିଓଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ ଆଣି ତାଙ୍କ ବଦଳି ଦାବିରେ କିଛିଦିନ ପୂର୍ବେ ଜନପ୍ରତିନିଧିମାନେ ଧାରଣା ଦେଇଥିଲେ। ଫଳରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ତେବେ ଏହି ବୈଠକ ପରେ ଉନ୍ନୟନ କାର୍ଯ୍ୟ ସ୍ୱାଭାବିକ ଭାବେ ହୋଇପାରିବ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ ଆଶା ପ୍ରକଟ କରିଛନ୍ତି।

# ଗାଡ଼ି ପାର୍ଟ୍ସ ଦୋକାନରେ ଅଗ୍ନିକାଣ୍ଡ



## ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା

ବାଲୁଗାଁ,୨୭।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ନିକଟ ସୁବୁଦ୍ଧିପାଟଣା ଗ୍ରାମ ସ୍ଥିତ ଏକ ବାଇକ୍ ପାର୍ଟ୍ସ ଦୋକାନରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ସୂଚନା ମୁତାବକ, ସୁବୁଦ୍ଧିପାଟଣା ଗ୍ରାମର ଦୀପକ କୁମାର ସୁବୁଦ୍ଧି ନିଜ ଘର ଉପର ମହଲାରେ ବିଭିନ୍ନ କମ୍ପାନୀର ବାଇକ୍ ପାର୍ଟ୍ସ ରଖି ବ୍ୟବସାୟ କରନ୍ତି। ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ହଠାତ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ପାର୍ଟ୍ସ ସାମଗ୍ରୀରେ ନିଆଁ ଲାଗିଯାଇଥିଲା। ନିମିଷକେ ମଧ୍ୟରେ ନିଆଁ ଗୋଦାମ ଗୃହକୁ ବ୍ୟାପିଯାଇଥିଲା। ଖବରପାଇ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଏହି ଅଗ୍ନିକାଣ୍ଡରେ ୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବାଇକ୍ ପାର୍ଟ୍ସ ସହ ଗୋଟିଏ ଏସି ପୋଡ଼ି ନଷ୍ଟ ହୋଇଯାଇଛି।

# ପାଠପଢ଼ି ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ଟାଙ୍ଗୀ,୨୭।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସୁନ୍ଦରପୁରସ୍ଥିତ ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଏବଂ ମୀନା ବଜାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା ଯୋଗଦେଇ ନିଷ୍ଠା ଓ ଆଗ୍ରହର ସହ ଶିକ୍ଷାଲାଭ କରିବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିରାମ ମାଝୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲା ସଙ୍ଗଠନ ସମ୍ପାଦକ ସମରେସୁ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିଧିଆ ରାଉତ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ସଲିଲ କୁମାର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମାଧବ ମହାରଣାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଚିନ୍ମୟ ଚିନ୍ତନ ବାରିକ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ମୀନା ବଜାରକୁ ସୁନ୍ଦରପୁର ସରପଞ୍ଚ ସୁଜିତ୍ କୁମାର ହାଲଦାର ଉଦ୍‌ଘାଟନ କରିଥିବା ବେଳେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଚଟପଟି ଖାଦ୍ୟର ମଜା ନେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ଲିଲିପ୍ତା କୁମାରୀ ଜେନା, ଶିକ୍ଷକ ଅମିତ୍ ଚକ୍ରବର୍ତ୍ତୀ, ପ୍ରସନ୍ନ କୁମାର ମଙ୍ଗରାଜ, ପ୍ରଶାନ୍ତ କୁମାର ସାହୁ, ସତ୍ୟନାରାୟଣ ପଣ୍ଡା, ପ୍ରତିମା ସାହୁ, ମିନାକ୍ଷୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ ସଲିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳ ସଞ୍ଚୟ, ଉନ୍ନତ କୃଷି ପ୍ରଣାଳୀ ସମ୍ପର୍କିତ ସଚେତନତା ବୈଠକ

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ଅଁଳାଇ ଦେବୀ ପୀଠରେ ଜଳ ସଞ୍ଚୟ ଏବଂ ଉନ୍ନତ କୃଷି ପ୍ରଣାଳୀ ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରୋଜେକ୍ଟ ସଂଯୋଜକ ଅମରଦୀପ ପାଣି, ଟାଙ୍ଗିଆପଡା ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ମମତା ବଡ଼ଜେନା, ସାମାଜିକ କର୍ମୀ ଗୋପାଳ କୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକମାନେ ଜଳର ସଦୁପୋଯୋଗ, ବିଶୁଦ୍ଧ ପାନୀୟଜଳ ବ୍ୟବହାର, ସ୍ୱଚ୍ଛତା, ପରିବେଶ ଅନୁକୂଳ କୃଷି ପ୍ରଣାଳୀ, ଗୁଣାବତ୍ତାଯୁକ୍ତ ଫସଲ ଉତ୍ପାଦନ, ରୋଗ ପୋକ ନିୟନ୍ତ୍ରଣ, ଜଳସେଚନ, କୀଟନାଶକ ପ୍ରୟୋଗ, ଜୈବିକ କୃଷି, ପ୍ରାକୃତିକ ସମ୍ପଦ ସୁରକ୍ଷା ଉପରେ କହିଥିଲେ। ଚାଷୀମାନେ ଚାଷ କାର୍ଯ୍ୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ କହିଥିଲେ। ଗ୍ରାମର ଏକାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ଭାଜପାରେ ମିଶିଲେ ପୋଡ଼ାଡିହର ୧୪ ପରିବାର


ବିଧାୟିକା ଉପାସନା ମହାପାତ୍ରଙ୍କ ସହ ଭାଜପାରେ ଯୋଗଦେଇଥିବା ନୂତନ କର୍ମକର୍ତ୍ତା।

କୃଷ୍ଣପ୍ରସାଦ,୨୭।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗମ୍ଭାରୀ ପଞ୍ଚାୟତ ପୋଡ଼ାଡିହ ଗ୍ରାମର ବିଜେଡି ସମର୍ଥିତ ୧୪ ପରିବାର ଭାଜପାରେ ଯୋଗ ଦେଇଛନ୍ତି। ଗମ୍ଭାରୀ ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ବରିଷ୍ଠ ନେତା ନବ କିଶୋର ଜେନା, ମହଲା ସଭ୍ୟ ଯୁବନେତା କାମେଶ୍ୱର ଜେନା, ଅଇଁଠା ପରିଡ଼ା, ନଗେନ୍ଦ୍ର ଜେନା, ପିରିଜିପୁର ସରପଞ୍ଚ ଇଂ.ମଳୟ କୁମାର ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ୍ତ ବେହେରାଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ହୋଇଥିଲା। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ନିତୀ ଓ ଆଦର୍ଶ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ପୋଡ଼ାଡିହ ଗ୍ରାମର ଉଲ୍ଲାସ ମହାନ୍ତି, ପିତାମ୍ବର ମହାନ୍ତି, ପ୍ରତିମା ମହାନ୍ତି, ଶେଷଦେବ ମହାନ୍ତି, କଣ୍ଟ ମହାନ୍ତି, ଚେଲା ମହାନ୍ତି, ଅଭିମନ୍ୟୁ ମହାନ୍ତି, କାଳିଆ ମହାନ୍ତି, ଶମ୍ଭୁ ମହାନ୍ତି, ଗୁକୁନା ମହାନ୍ତି, ଶିବୁ ମହାନ୍ତି, ଉକୁଲୁ ମହାନ୍ତି, ଶୁକ ମହାନ୍ତିଙ୍କ ସହିତ ଗ୍ରାମର ୧୪ପରିବାର ଭାଜପାରେ ଯୋଗ ଦେଇଛନ୍ତି। ବ୍ରହ୍ମଗିରି ବିଧାୟିକା ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଫଳରେ ଭାଜପା ସଙ୍ଗଠନ ଦିନକୁ ଦିନ ମଜବୁତ ହେବାରେ ଲାଗିଛି।

# 'ଖୋର୍ଦ୍ଧା ରାଜବିଦ୍ରୋହ ପାଇକ ବିଦ୍ରୋହର ପ୍ରଥମ ସୋପାନ' ଶୀର୍ଷକ ଆଲୋଚନାଚକ୍ର

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

୧୮୦୪ ମସିହାରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ସଙ୍ଗଠିତ ଖୋର୍ଦ୍ଧା ରାଜ ବିଦ୍ରୋହ ହିଁ ଥିଲା ୧୮୧୭ ପାଇକ ବିଦ୍ରୋହର ପ୍ରଥମ ସୋପାନ। ଖୋର୍ଦ୍ଧାର ନାବାଳକ ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କ ତତ୍ତ୍ୱାବଧାରକ ତଥା ଅଭିଭାବକ ଜୟୀ ରାଜଗୁରୁ ପ୍ରଥମ ଥର ପାଇଁ ଖୋର୍ଦ୍ଧା, କନିକା ଏବଂ କୁଜଙ୍ଗ ରାଜ ପରିବାରକୁ ଏକତ୍ର କରି ସିଧାସଳଖ ଔପୋନିବେଶିକ ବ୍ରିଟିଶ ଶାସନ ବିରୋଧରେ ଏକ ସଶସ୍ତ୍ର ସଂଗ୍ରାମର ସୂତ୍ରପାତ କରାଇଥିଲେ। ଖୋର୍ଦ୍ଧା ରାଜ୍ୟର ଅନେକ ଦଳବେହେରା-ଦଳେଇ, ଜମିଦାର ଏବଂ ସାମନ୍ତମାନଙ୍କୁ ଏକାଠି କରି ଇଂରେଜ ସେନା ବିରୋଧରେ ମାତୃଭୂମିର ସୁରକ୍ଷା ପାଇଁ ପ୍ରାଣବଳି ଦେବାକୁ ପଛେଇ ନ ଥିଲେ। ତାଙ୍କ ସହ ୧୮୦୪ ମସିହା ରାଜବିଦ୍ରୋହରେ ଯୋଗଦେଇଥିବା ଖୁଦୁପୁର, ଦାରୁଠେଙ୍ଗ, ଜାମୁକୋଳି, ବେଙ୍ଗିଟାଙ୍ଗୀ, ଗଡ଼ଖାରଦ, ଗାଟିଆପଡ଼ା



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଗଡ଼ର ଦଳବେହେରାମାନେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ତେଣୁ ୧୮୦୪ ରାଜ ବିଦ୍ରୋହ ମାତୃଭୂମିର ସାର୍ବଭୌମତ୍ୱ ସଂଗ୍ରାମ କରିଥିବା ପାଇକ ବିଦ୍ରୋହର ଆଦିପର୍ବ ବୋଲି ଭୁବନେଶ୍ୱର ଶହୀଦନଗର ସ୍ଥିତ ଜୟଦେବ କମ୍ପ୍ଲେକ୍ସ ସଭାଗୃହରେ ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ନାଲ 'ତ୍ରିକଳିଙ୍ଗ'ର ୮ମ ବାର୍ଷିକ ଜାନୁଆରୀ ସଂଖ୍ୟାର ଉନ୍ମୋଚନ ଉତ୍ସବ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତ୍ରିକଳିଙ୍ଗର ପ୍ରତିଷ୍ଠାତା ସମ୍ବିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖପତ୍ର ଉନ୍ମୋଚନ ଅବସରରେ ଆୟୋଜିତ 'ଖୋର୍ଦ୍ଧା ରାଜବିଦ୍ରୋହ ପାଇକ ବିଦ୍ରୋହର ପ୍ରଥମ ସୋପାନ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଆହୁରି କହିଥିଲେ ଯେ, ଇତିହାସରେ ଏହି ପ୍ରସଙ୍ଗ ଅନାଲୋଚିତ ବିଷୟ ହୋଇ ରହିଯାଇଛି। ଏହି ମାଟି ପ୍ରତି ଜୟୀ ରାଜଗୁରୁଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ଜୟୀ ହେଉଛି ପ୍ରଥମ ଶହୀଦ ସ୍ୱାଧୀନତା ସଂଗ୍ରାମୀ, ଯାହାକୁ ବ୍ରିଟିଶ ସରକାର ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ତାଙ୍କ ବଳିଦାନ ସ୍ଥାନ ଏବେ ମଧ ରହସ୍ୟ ଘେରରେ ରହିଛି। ଜୟୀଙ୍କ ଇତିହାସକୁ ପାଠ୍ୟପୁସ୍ତକରେ ସାମିଲ କରାଯିବା ସହ ବରୁଣେଇ ପାହାଡ ଉପରେ ଜୟୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଭାରତରୀୟ ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧାର ଇତିହାସ ସ୍ୱତନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁ, ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ପ୍ରଫେସର ଡ. ନାରାୟଣ ରାଓ ଏବଂ ସାମାଜିକ କର୍ମୀ ଦିଲ୍ଲୀପ ପଟ୍ଟନାୟକ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ଡ. ଜଟାଧାରୀ ମିଶ୍ର, ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ, ଡ. ପ୍ରତିଭା ମୟୀ ମିତ୍ର, ଡ. କୀର୍ତ୍ତନ ନାରାୟଣ ପାଢ଼ି, ଡ. ଅଭୟ କୁମାର ନାୟକ, ଶିବ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଗବେଷକ ଲକ୍ଷ୍ମଣ କୁମାର ମନ୍ତ୍ରୀ ସଂଯୋଜନା କରିଥିବା ବେଳେ ପ୍ରଫୁଲ୍ଲ ସାମନ୍ତରା ଧନ୍ୟବାଦ ଦେଇଥିଲେ।

# ପାରିକୁଦ ଗଡ଼ରେ ଠାକୁରଙ୍କ ଭୋଗଖିଆ ଆରମ୍ଭ



କୃଷ୍ଣପ୍ରସାଦ,୨୭।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଆ ସଂସ୍କୃତିରେ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ଦୋଳପର୍ବ ଅନ୍ୟତମ। ଫଗୁ ଦଶମୀ ପରଠାରୁ ଆରମ୍ଭ ହୋଇଛି ଠାକୁରଙ୍କ ଚାଚେରି ଭୋଗଖିଆ ପର୍ବ। ପରମ୍ପରା ମୁତାବକ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ମାନସିଂହ ହରିଚନ୍ଦନ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ବାସଭବନରେ ମୁଖ୍ୟ ପୀଠାଧିଶ ନୀଳକଣ୍ଠେଶ୍ୱର ଦେବ ଏବଂ ଦଧିବାମନ ଦେବଙ୍କୁ ପ୍ରଥମ ଚାଚେରି ଭୋଗ ଲାଗି କରାଯାଇଥିଲା। ଶନିବାରଠାରୁ ସୁସଜ୍ଜିତ ବିମାନରେ ଠାକୁର ଗ୍ରାମ ପରିକ୍ରମା କରି ଦୁଆର ଭୋଗ ଖିଆ ଆରମ୍ଭ ହେବ। ପାରିକୁଦ ରାଜା ସାହେବଙ୍କ ତତ୍ତ୍ୱାବଧାନରେ ଏହି ଶତାୟୁ ଚାଚେରି ଭୋଗଖିଆ ପର୍ବ ଆରମ୍ଭ ହୋଇଥିଲା। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ, କୁମାର ସିଂହ, ହରମୋହନ ମାନସିଂହ, ସୁବାସ ଚନ୍ଦ୍ର ସ୍ୱାଇଁ, ବିଜୟ ଚନ୍ଦ୍ର ଜେନା, ପ୍ରମୋଦ ପରିଡ଼ା, ବିଭୂ ନାରାୟଣ ଜେନା, ସୁବାସ ଚନ୍ଦ୍ର ସିଂହସାମନ୍ତଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉତ୍ସବ ପାଳନରେ ସହଯୋଗ କରିଥିଲେ। ପ୍ରକାଶଥାଉ କି, ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୃଷ୍ଣପ୍ରସାଦ ଗଡ଼ଠାରେ ପାରିକୁଦ ରାଜା ସାହେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୋଳ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ମଧୁପୁର କ୍ରିକେଟ ଟୁର୍ନାମେଣ୍ଟ: ଏମ୍‌ସିସିକୁ ହରାଇ ଗ୍ରୀନ୍‌ଷ୍ଟାର ବିଜୟୀ

ଝାଁଲା,୨୭।୨(ବୁଲା ବାରିକ)

ମଧୁପୁର ଖେଳପଡ଼ିଆରେ ୨୩ତମ ମଧୁପୁର କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଏମ୍‌ସିସି ଏବଂ ଗ୍ରୀନ୍‌ଷ୍ଟାର ଟିମ୍ ମଧ୍ୟରେ ହୋଇଥିଲା।

ଟସ୍ ଜିତି ଗ୍ରୀନ୍‌ଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୮୦ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ସିସି ଟିମ୍ ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୦ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଗ୍ରୀନଷ୍ଟାର ଟିମ୍ ବିଜୟୀହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ଦେବାଶିଷ ପରିଡା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆଇନଜୀବୀ ରାଜେଶ କୁମାର ବେହେରା, ସାମାଜିକ କର୍ମୀ ଜୀବନ କୁମାର ପ୍ରଧାନ, ଅଜିତ୍ କୁମାର ମହାକୁଡ଼, ପ୍ରଶାନ୍ତ କୁମାର ନାଟୁଆ, ମହେନ୍ଦ୍ର କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଭୂତି ଭୂଷଣ ସାମନ୍ତରାୟ,ବିଶ୍ୱ ଭୂଷଣ ସାମନ୍ତରାୟ, ଜ୍ୟୋତି ରଞ୍ଜନ ବରାଳ, ଆଶୁତୋଷ ବରାଳ, ସ୍ମୃତି ରଞ୍ଜନ ସାମନ୍ତରାୟ, ସୁମନ୍ତ କୁମାର ବରାଳ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଧବଳେଶ୍ୱରଙ୍କୁ ଲାଗି ହେଲା ଚାଚେରୀ ଭୋଗ

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

ଫାଲ୍‌ଗୁନ ଏକାଦଶୀ ଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଠାକୁର ଚାଚେରି ଭୋଗ ଖାଇବେ। ଏଥିଲାଗି ଖୋର୍ଦ୍ଧା ସହର ସମସ୍ତ ଦେବଦେବୀ ମନ୍ଦିର ଚଳଚଞ୍ଚଳ ହୋଇ ଉଠିଛି। ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଠାକୁର ଦୋଳ ବିମାନରେ ବିଜେ କରି ସମସ୍ତଙ୍କ ଘରୁ ଭୋଗ ଖାଇବେ। ଠାକୁରଙ୍କୁ ସ୍ୱାଗତ ପାଇଁ ଉତ୍ସାହ ରହିଛି। ଖୋର୍ଦ୍ଧା ସହରର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର ମନ୍ଦିର ଟ୍ରଷ୍ଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟା ଆଳତି ପରେ ଧବଳେଶ୍ୱରଙ୍କ ବିଜେ ପ୍ରତିମା ସୁସଜ୍ଜିତ ବିମାନରେ ବିଜେ କରିଥିଲେ। ବିମାନକୁ ଫୁଲ, ଚାନ୍ଦୁଆ ସହ ଅନ୍ୟାନ୍ୟ ସାମଗ୍ରୀରେ ସୁସଜ୍ଜିତ କରାଯାଇଥିଲା। ବିଜେ କାହାଳୀ ବାଜିବା ପରେ ଠାକୁରଙ୍କ ଦୋଳ ବିମାନ ମନ୍ଦିରରୁ ଶୋଭାଯାତ୍ରା



ବାହାରିଥିଲା। ଘଣ୍ଟଘଣ୍ଟା, ଢୋଲ, ମହୁରି, ତୂରୀ ବାଦ୍ୟଯନ୍ତ୍ରରେ ପ୍ରକମ୍ପିତ ହୋଇଥିଲା ପରିବେଶ। ସ୍ୱତନ୍ତ୍ର ଭାବେ ଠାକୁରଙ୍କ ଚାଚେରି ଭୋଗ ଶୋଭାଯାତ୍ରାରେ ଯିବା ପାଇଁ ପୁରୁଷାନୁକ୍ରମିକ ସେବକମାନେ ସହଯୋଗ କରି ଆସୁଛନ୍ତି ବୋଲି ଟ୍ରଷ୍ଟି ବଦ୍ରି ନାରାୟଣ ସାହୁ, ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ କହିଛନ୍ତି।

# ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ଉପରେ ଗୁରୁତ୍ୱ

## ଭୋଟର ତାଲିକାର ଏସ୍ଆଇଆର୍ ମ୍ୟାପିଂ ବୈଠକ

ଖୋର୍ଦ୍ଧା,୨୭।୨(ପ୍ରଭାତ ପାଣିଗ୍ରାହୀ)

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟର ତାଲିକାର ଏସ୍ଆଇଆର୍ ମ୍ୟାପିଂ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର ଚାରି ଜଣ ବୁଥ୍‌ସ୍ତରୀୟ ଅଧିକାରୀ ପ୍ରତ୍ୟେକ କର୍ମଚାରୀମାନଙ୍କ ନିର୍ବାଚନମଣ୍ଡଳୀ, ନାମ, ପିତାଙ୍କ ନାମ, ଭାଗ ନମ୍ବର, ବୁଥ୍ ନମ୍ବର ଆଦି ନିରୀକ୍ଷଣ କରିବା ପଦ୍ଧତି ଉପରେ ପାୱାରପଏଣ୍ଟ ଉପକରଣର ବୁଝାଇଥିଲେ। ଭୋଟର ତାଲିକାକୁ ସ୍ୱଚ୍ଛ ଏବଂ ନିର୍ଭୁଲ କରିବା ପାଇଁ ଅତିରିକ୍ତ ଜିଲାପାଳ ବେଉରା ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର(ନିର୍ବାଚନ)ସଂଗ୍ରାମ ଜେନା ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର(ଜରୁରୀ) ଶ୍ରୀତପା ମିଶ୍ର, କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାଶ, ଡେପୁଟି କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ଜିଲାପରିଷଦ ଓ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

**ନୀଳକଣ୍ଠେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ବ୍ଲକ୍ କଣାସ ପଞ୍ଚାୟତର ଡିମିରି ଗ୍ରାମରେ ନବନିର୍ମିତ ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୩ ତାରିଖରୁ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ସମ୍ପାଦନ ପରେ ଠାକୁର ମନ୍ଦିର ପ୍ରବେଶ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।




୨୭।୨।୨୦୨୬

| | |
|---|---|
| ୫,୩୫,୫୨୩ ଟଙ୍କା | |
| ସୁନା | ୩୯.୫୦୦ ଗ୍ରାମ୍ |
| ରୁପା | ୧୭.୩୦୦ ଗ୍ରାମ୍ |

**ସଂକ୍ଷେପରେ**

## ବ୍ଲକ୍‌ସ୍ତରୀୟ ଆଇନ ସଚେତନତା ଶିବିର

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

କାକଟପୁର ବ୍ଲକରେ ଓଡ଼ିଶା ମହିଳା କମିଶନ ଓ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସହଯୋଗରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର, ସମ୍ମାନିତ ଅତିଥି ଭାବେ କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ନାରାୟଣ ଦିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ବିକାଶ ଅଧିକାରୀ ପୀୟୁଷମୟୀ ପଣ୍ଡା, ଜିଲାର ପୋଗ୍ରମ୍ ଅଫିସର ସୁହାଗି ହେମ୍ରମ୍, ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ଶକ୍ତି ସଦନ, ସଖୀ ସେଣ୍ଟର କର୍ମକର୍ତ୍ତା, ଜନପ୍ରତିନିଧି, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ମହିଳା କମିଶନ ସଦସ୍ୟା ଉର୍ମିଳା ମହାପାତ୍ର କହିଛନ୍ତି, ଘରୋଇ ହିଂସା, ଯୌତୁକ ନିର୍ଯାତନା, ବାଲ୍ୟବିବାହ ବନ୍ଦ କରିବା ପାଇଁ ଓଡ଼ିଶା ମହିଳା କମିଶନର ସାହାର୍ଯ୍ୟ ନେବା ଆବଶ୍ୟକ।

## ଆଲିସ ପଞ୍ଚାୟତରେ ଆମ ପୋଲିସ ବୈଠକ

ସାକ୍ଷୀଗୋପାଳ,୨୭।୨(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ଥାନା ପକ୍ଷରୁ ଶୁକ୍ରବାର ଆଲିସ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରୀ ଅତିରିକ୍ତ ଏସ୍‌ପି ସଚିନ ପଟେଲ ଅଧ୍ୟକ୍ଷତା କରିଥିଲେ। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ, ଆଲିସ ସରପଞ୍ଚ ସୁରଥ ଚନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ ଶ୍ରୀଧର ବିଶ୍ୱାଳ, ୱାର୍ଡସଭ୍ୟ ବିକ୍ରମ ମଲିକ, ଗ୍ରାମବାସୀ ପ୍ରତାପ ପ୍ରଧାନ ଏବଂ ଗୁଣ୍ଡିଚା ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ପରସ୍ପର ନିକଟତର ହୋଇ ସମସ୍ତ କାର୍ଯ୍ୟ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଜନସାଧାରଣଙ୍କ ମନରୁ ପୋଲିସ ପ୍ରତି ଭୟ ଦୂରକରିବା, ଯୁବ ସମାଜକୁ ନିଶାଠାରୁ ଦୂରେଇରଖିବା, ଚୋରା ନିଶା କାରବାର ରୋକିବା, ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ଦେଖାଇବା, ଅଞ୍ଚଳବାସୀଙ୍କୁ ଶାନ୍ତି ଓ ସୁରକ୍ଷା ଦେବାକୁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

## ପାରିବାରିକ କଳହକୁ ନେଇ ମାମଲା ରୁଜୁ

ଯୋଗେଶ୍ୱରପୁର,୨୭।୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ହଟ ଗ୍ରାମରେ ପାରିବାରିକ କଳହକୁ ନେଇ ଏକ କେସ୍ (ନଂ. ୬୬/୨୬) ରୁଜୁ ହୋଇଛି। ରଞ୍ଜନ ବେହେରା ନାମକ ବ୍ୟକ୍ତି ତାଙ୍କ ଘର ଆଜବେଷ୍ଟସ୍ ଓ ଟିଭି ଭାଙ୍ଗିବା ସହ ଗୁଆଗଛ ହାଣିବା, ଗାଳିଗୁଲଜ କରିବା ନେଇ ମିନତି ବେହେରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଥିବା ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ କହିଛନ୍ତି।

## ଅଷ୍ଟପ୍ରହର ନାମଯଜ୍ଞ

ଚାରିଛକ, ୨୭।୨(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ବାହାରଣା ନାହାକ ସାହିରେ ଅଷ୍ଟପ୍ରହର ନାମଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଦୁର୍ଯ୍ୟୋଧନ ନାୟକ ଓ କର୍ତ୍ତ୍ରୀ ଭାବେ ସରୋଜିନୀ ନାୟକ ପୂଜାକର୍ମରେ ବସିଥିଲେ। ଗ୍ରାମର ବଟ ବୃକ୍ଷ ପୋଖରୀରୁ କଳସଧାରୀ ପାଣି ଆଣି କୁଞ୍ଜରେ ସ୍ଥାପନ କରିଥିଲେ। କଟକ କାଳିଆବୋଦା ମଠର ସାଗର ବାବା କୁଞ୍ଜ ପୂଜକ ପୂର୍ଣ୍ଣଚନ୍ଦ୍ର ସେନାପତି ଓ ବାସୁଦେବ ମନ୍ଦିର ପୂଜକ ଅମରେଶ୍ୱର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଆଲୋକ ନାୟକ, ବ୍ରଜକିଶୋର ନାୟକ, କେଶବ ନାୟକ, ପ୍ରମେଶ ରାଉତ, ଜମ୍ବେଶ୍ୱର ନାୟକ, ତୁଷାର ରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ବିକାଶ କାର୍ଯ୍ୟରେ ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ: ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା,୨୭।୨(ବିଚିତ୍ରାନନ୍ଦ ସାହୁ)




ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀମାନେ।

ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତା କିମ୍ବା ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ। ସରକାରୀ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟକଲେ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇପାରିବ। ଏପରିକି ନିମାପଡ଼ା ନିର୍ବାଚନମଣ୍ଡଳୀର ବିକାଶ ହେବା ସହ ରୂପରେଖ ବଦଳିଯିବ। ଅଫିସରମାନେ ସାଧାରଣ ଜନତାଙ୍କ କଥା ଶୁଣି କାର୍ଯ୍ୟ କରିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶୁକ୍ରବାର ନିମାପଡ଼ା ତହସିଲ ଅଫିସରେ ଆୟୋଜିତ ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, କୃଷି, ଜଳ ସମ୍ପଦ, ବିଦ୍ୟୁତ୍, ଉଦ୍ୟାନ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ମହିଳା ଓ ଶିଶୁ ବିକାଶ ସମେତ ବିଭିନ୍ନ ବିଭାଗର ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ବିକାଶମୂଳକ କାର୍ଯ୍ୟରେ ଯେପରି କୌଣସି ଅନିୟମିତତା ନ ହୁଏ କି ନିମ୍ନମାନର କାର୍ଯ୍ୟ କରା ନ ଯାଏ ସେଥିପ୍ରତି ଯତ୍ନବାନ୍ ହେବାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ବିଭିନ୍ନ ବିଭାଗର ପଦସ୍ଥ ଅଫିସରମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବୈଠକରେ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ରାଜକିଶୋର ଦାଶ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ନିମାପଡ଼ା ତହସିଲଦାର ମନୋଜ ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଜିଲା ଶିକ୍ଷା ଅଧିକାରୀ ଦୀପକ ପାଢ଼ୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ମଞ୍ଜୁଳା କୁମାରୀ ତ୍ରିପାଠୀ, ସହକାରୀ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶୁଭଶ୍ରୀ ମହାରଣା, ନିମାପଡ଼ା ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିମାପଡ଼ା ଏନ୍ଏସି ପକ୍ଷରୁ ୫ଲକ୍ଷ ୪୫ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ମଶାଧୂଆଁ ମେଶିନକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉଦଘାଟନ କରିଥିଲେ।

# ପଟ୍ଟଚିତ୍ର ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

ପଟ୍ଟଚିତ୍ରକୁ ନେଇ ଏକ ତ୍ରିଦିବସୀୟ କର୍ମଶାଳା, ପ୍ରଦର୍ଶନୀ, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ନୀଳାଚଳ ଅର୍ବାନ୍ ହାଟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମଟି ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିଳ୍ପୀଗୁରୁ ଦୀନବନ୍ଧୁ ମହାପାତ୍ର, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ଶରତ କୁମାର ସାହୁ, କରୁଣାକର ସାହୁ ଓ ଭ୍ରମରବର ନାୟକ ଏବଂ ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି, ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ପ୍ରମେନ୍ଦ୍ର ସିହ୍ନା, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ପୁରୀ ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ପରମ୍ପରା ଅନୁଷ୍ଠାନର ପ୍ରତିଷ୍ଠାତା ଭଗବାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ହସ୍ତଶିଳ୍ପ ହେଉଛି ଆମ ସଂସ୍କୃତି, ପରମ୍ପରା ଓ ଅର୍ଥନୀତିର ତ୍ରିବେଣୀ ସଙ୍ଗମ।

ଅତିଥିମାନେ ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଏହାର ମୌଳିକତା କିପରି ବଜାୟ ରହିବ ଏବଂ ପ୍ରାଚୀନ ଅଙ୍କନ ଶୈଳୀର ଆଧାରରେ ପାରମ୍ପରିକ ପ୍ରାକୃତିକ ରଙ୍ଗର ବ୍ୟବହାର କିପରି ହୋଇପାରିବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ମଠ, ମନ୍ଦିର ଓ ରାଜପ୍ରାସାଦର ପାରମ୍ପରିକ ଚିତ୍ର ଅନୁଧ୍ୟାନ କରି ସେହି ଶୈଳୀକୁ ଆପଣାଇବା ପାଇଁ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଭାକୁ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ' ରଘୁରାଜପୁର ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ ଏବଂ ବୃନ୍ଦନୃତ୍ୟ ପରିବେଷଣ କରିଥିଲେ।

କର୍ମଶାଳାରେ ପୁରୀ ସଦର ବ୍ଲକ୍‌ରୁ ୨୦ ଜଣ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଶନିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କର ଚିତ୍ରସବୁ ପ୍ରଦର୍ଶିତ ହେବା ସହ ଶିଳ୍ପୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବ। ପୁରୀ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ପ୍ରଦର୍ଶନୀ ବୁଲିବା ସହ ଶିକ୍ଷା ଗ୍ରହଣ କରିଥିଲେ।

# ଏନ୍‌ଏଚ୍‌ଆର୍‌ସି ସ୍ୱତନ୍ତ୍ର ମନିଟର ଜେଲ, ଶିକ୍ଷାନୁଷ୍ଠାନ ପରିଦର୍ଶନ




ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଙ୍କ ସ୍ପେଶାଲ୍ ମନିଟର୍ ବାଳକ୍ରିଷ୍ଣ ଗୋଏଲ୍ ତାଙ୍କ ଗସ୍ତର ଦ୍ୱିତୀୟ ଦିନ ଶୁକ୍ରବାର ବାଙ୍ଗର ଜେଲ୍ ପରିଦର୍ଶନ କରିଥିଲେ। ଜେଲ୍ ପରିସରରେ ଗୋଏଲଙ୍କୁ ସ୍ୱାଗତ କରାଯାଇଥିଲା। ଗୋଏଲ୍ ଜେଲ୍ ପରିସର ଅନୁଧ୍ୟାନ ସହ ଅନ୍ତେବାସୀଙ୍କ ସହ ଆଲୋଚନା ଓ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଜେଲ୍ ଅଧିକ୍ଷକ ଓ ଅନ୍ୟ ଅଧିକାରୀ, କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ପଚାରିଥିଲେ। ଅନ୍ତେବାସୀଙ୍କ ଖାଦ୍ୟପେୟ, ଚିକିତ୍ସା ବ୍ୟବସ୍ଥା, ରହଣୀ ବ୍ୟବସ୍ଥା ଇତ୍ୟାଦି ନିରୀକ୍ଷଣ କରିଥିଲେ। ଏହାପରେ ଗୋଏଲ୍ ଆଇଆଇସି ବା ଇଣ୍ଟିଗ୍ରେଟେଡ ଇନଫ୍ରାଷ୍ଟ୍ରକ୍ଚର କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ।

ଆଇଆଇସିରେ ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ ଓ ବରିଷ୍ଠ ନାଗରିକଙ୍କ ରହଣୀ, ଖାଦ୍ୟ ପାନୀୟ, ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା ପିପୁଲ୍ସ ଫୋରମ, ପିଙ୍ଗଳାକ୍ଷୀ ୱେଲଫେୟାର ଅର୍ଗାନାଇଜେଶନ ସହ ଓଡ଼ିଶା ପତିତ ଉଦ୍ଧାର ସମିତି ପକ୍ଷରୁ ପରିଚାଳିତ ହେଉଛି। ଏହାକୁ ପରିଦର୍ଶନ ସହ ଅନ୍ତେବାସୀ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ସେ ଆଲୋଚନା କରିଥିଲେ। ପରେ ପରେ ଗୋଏଲ୍ କୋଣାର୍କସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ପିଲାଙ୍କ ଶିକ୍ଷାଦାନ, ମଧ୍ୟାହ୍ନଭୋଜନ, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ନିରୀକ୍ଷଣ କରିବା ସହ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭବମ ପ୍ରଧାନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ ଓ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# 'ହେଲ୍‌ମେଟ୍ ପିନ୍ଧନ୍ତୁ– ସୁରକ୍ଷିତ ରୁହନ୍ତୁ'

ଡେଲାଙ୍ଗ,୨୭।୨(ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲା ପରିବହନ ବିଭାଗ ଏବଂ ଡେଲାଙ୍ଗ ପୋଲିସ ପକ୍ଷରୁ ଗୁରୁବାର ଡେଲାଙ୍ଗ ହାଟବଜାର ଓ ଷ୍ଟେଶନ ବଜାରରେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଥାନା ଦାୟିତ୍ୱରେ ଥିବା ଅଧିକାରୀ ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ମୋଟରଯାନ ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର, ଉପସହକାରୀ ନିରୀକ୍ଷକ ସନ୍ତୋଷ କୁମାର ସେଠୀ, ସିପାହି ରଶ୍ମିରଞ୍ଜନ ନାୟକ, ଡେଲାଙ୍ଗ ଥାନା ଉପସହକାରୀ ନିରୀକ୍ଷକ ବିନୋଦିନୀ ବେହେରା, ସିପାହି କୃଷ୍ଣଚନ୍ଦ୍ର ମଲ୍ଲିକ, ମିଥୁନ୍ ସିଂହ, ଗୃହରକ୍ଷୀ ପ୍ରମୋଦ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ଟ୍ରାଫିକ୍ ନିୟମ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ଏଥିସହ ହେଲ୍‌ମେଟ ପିନ୍ଧି ଗାଡ଼ି ଚଳାଇବା, ଗାଡ଼ିଚାଳନା ସମୟରେ ମୋବାଇଲ ବ୍ୟବହାର ମନା, ଗାଡ଼ି କାଗଜପତ୍ର ଠିକ୍ କରି ପାଖରେ ରଖିବା ସମ୍ପର୍କରେ ସଚେତନ କରାଇଥିଲେ। ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଉଥିବା ୬୦ ଜଣ ବାଇକ୍ ଆରୋହୀଙ୍କୁ ହେଲ୍‌ମେଟ୍ ପିନ୍ଧିବା ନେଇ ସଚେତନ କରାଯିବା ସହ ନୂତନ ହେଲ୍‌ମେଟ୍ ପ୍ରଦାନ କରାଯାଇଥିଲା। ଯେଉଁ ଚାଳକମାନେ ନିୟମ ମାନି ହେଲ୍‌ମେଟ ପିନ୍ଧିଥିଲେ, ସେମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ସେହିପରି ଡେଲାଙ୍ଗ –ପଟ୍ଟନାୟିକିଆ ମୁଖ୍ୟ ସଡ଼କର ଡେଲାଙ୍ଗ ହାଟବଜାର ଓ ଡେଲାଙ୍ଗ ଷ୍ଟେଶନ ବଜାରରେ ଅନେକ ଦୋକାନୀ ରାସ୍ତା ଉପରକୁ ମଡ଼ାଇ ଦୋକାନ ଦେଇଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବା ପୋଲିସ ଦେଖିବାକୁ ପାଇଥିଲା। ବିଭିନ୍ନ ଦୋକାନୀଙ୍କୁ ରାସ୍ତାଠାରୁ ଦୂରତା ରଖି ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ କଲେ ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ସେମିରେ ବାନାମ୍ବର ସ୍ପୋର୍ଟସ କ୍ଲବ



ଖେଳାଳିଙ୍କ ସହ ଅତିଥିମାନେ ।

**ପିଣ୍ଟୁ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ଗୋପ,୨୭।୨(ଭାରତୀ ଭୂଷଣ ଉପାଧ୍ୟାୟ)

ପିଣ୍ଟୁ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳା କ୍ଲବକୁ ୩୧ ରନ୍‌ରେ ହରାଇ ବାନାମ୍ବର ସ୍ପୋର୍ଟସ କ୍ଲବ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ବାନାମ୍ବର ସ୍ପୋର୍ଟସ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୮୭ ରନ୍ କରିଥିଲା। ଏହାର ଜବାବରେ ମଙ୍ଗଳା କ୍ଲବ ସମସ୍ତ ଉଇକେଟ ହରାଇ ୧୫୬ ରନ୍ କରି ପରାଜୟ କରିଥିଲା।

ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଛନ୍ତି, କ୍ରିକେଟ କେବଳ ହାରଜିତ୍‌ର ଖେଳ ନୁହେଁ। ଖେଳ ଦ୍ୱାରା ଭାବ ବିନିମୟ ଓ ଏକତା ସୃଷ୍ଟି ହୋଇଥାଏ। କାର୍ଯ୍ୟକ୍ରମରେ ଏରବଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁ, ଯୁବନେତା ଶିବ ପ୍ରସାଦ ସ୍ୱାଇଁ, ରସାନନ୍ଦ ମାଝୀ, ପ୍ରଶାନ୍ତ କୁମାର ରାଉତରାୟ, ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳକୁ ପ୍ରଳୟ ପାତ୍ର, ମୃତ୍ୟୁଞ୍ଜୟ ବିଶ୍ୱାଳ, ଶିବସୁନ୍ଦର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

**ଗ୍ରାମର ଉନ୍ନତୀକରଣ ପାଇଁ ଆସିଥିବା ଅନୁଦାନ ଆତ୍ମସାତ୍ ଅଭିଯୋଗ**

ପୁରୀ ସଦର ବ୍ଲକ୍ ବାଲିପୁଟ ପଞ୍ଚାୟତ ଅଧୀନସ୍ଥ ଗରାଇଲୋ ଗ୍ରାମର ଉନ୍ନତୀକରଣ ନିମନ୍ତେ ଆସିଥିବା ଅନୁଦାନକୁ ଆତ୍ମସାତ୍ କରାଯାଇଥିବା ଅଭିଯୋଗକରି ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଅଭିଯୋଗକାରୀ ଉଲ୍ଲେଖ କରିଛନ୍ତି ଯେ, ଗ୍ରାମର ଇଷ୍ଟ ଠାକୁରାଣୀ ମା' କ୍ଷେତ୍ରପାଳୀଙ୍କ ରୋଷଘର ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ୨ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନକୁ ଆତ୍ମସାତ୍ କରିବା ସହିତ ସ୍ୱଜଳଧାରା ପାଇଁ ତିଆରି ହୋଇଥିବା ପାଚେରିକୁ ଭାଙ୍ଗି ସେହି ପାଚେରି ପଥରକୁ ନେଇ ମା' କ୍ଷେତ୍ରପାଳୀଙ୍କ ରୋଷଘର ତିଆରି କରିଛନ୍ତି। କ୍ଷେତ୍ରପାଳୀଙ୍କର ଆସିଥିବା ଆର୍ଥିକ ଅନୁଦାନକୁ ଆତ୍ମସାତ୍ କରିଦେଇଛନ୍ତି। ପୁନଶ୍ଚ ସ୍ୱଜଳଧାରାର ବିଲ୍ ବନାଇ ଯୋଜନା କରି ବାଲି ଓ ସିମେଣ୍ଟ ଗଦାଇ ହୋଇଥିବା କାମକୁ ଭାଙ୍ଗି ମିଥ୍ୟା ବିଲ୍ କରି ସରକାରଙ୍କୁ ଠକି ପୁନଶ୍ଚ ସରକାରୀ ଅର୍ଥକୁ ତୋସରପାତ୍ କରିବା ପାଇଁ ଯୋଜନା କରିଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ଆଜିପର୍ଯ୍ୟନ୍ତ ମିଳିନାହିଁ। ଗ୍ରାମର ଉନ୍ନତୀକରଣ ଏବଂ ଗ୍ରାମବାସୀଙ୍କ ହିତ ପାଇଁ ସ୍ୱଜଳଧାରା କାର୍ଯ୍ୟ ବନ୍ଦକରି ବିଧିବଦ୍ଧ ଆଲୋଚନା କରାଯାଉ ବୋଲି ଦାବିକରିଛନ୍ତି।

# ବୋମାମାଡ଼ ଘଟଣା: ଆଉ ୨ ଗିରଫ

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)

ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ୍ ହାଉସ୍ ନିକଟ ଏକ ହୋଟେଲ ଉପରକୁ ବୋମା ମାଡ଼ ଘଟଣାରେ ପୋଲିସ ଫେରାର୍ ଥିବା ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଦୁର୍ଦ୍ଧାନ୍ତ ଅପରାଧୀ ପପୁ ବରାଳ ରହିଛନ୍ତି। ହୋଟେଲ୍ ଉପରକୁ ବୋମାମାଡ଼ ଘଟଣାରେ ପୋଲିସ ଫେରାର୍ ଥିବା ୪ ଦୁର୍ବୃତ୍ତଙ୍କୁ ଗୁରୁବାର ଗିରଫ କରିଥିବା ବେଳେ ଶୁକ୍ରବାର ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପପୁ ଓରଫ ଧୀରେନ୍ଦ୍ରନାଥ ବରାଳ ଏବଂ ଶଙ୍କର ଓରଫ ଶଙ୍କର୍ଷଣ ସାହୁ।

ସୂଚନା ମୁତାବକ, ଗତ ୧୦ ତାରିଖ ରାତିରେ ପୁରୀ ବଳିଆପଣ୍ଡା ଥାନା ଅନ୍ତର୍ଗତ ଲାଇଟ୍ ହାଉସ୍ ନିକଟ ହୋଟେଲ୍ ସ୍ୱପ୍ନା ଇନ୍ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ଼ କରି ଫେରାର୍ ହୋଇଯାଇଥିଲେ। ଏ ନେଇ ବଳିଆପଣ୍ଡା ଥାନାରେ ଶିବୁନା ପଲେଇ ଏକ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ଏସ୍‌ପି, ସିଟି ଡିଏସ୍‌ପି, ବଳିଆପଣ୍ଡା ଥାନାଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ବ୍ୟବସାୟିକ ଶତ୍ରୁତା ଏବଂ ବଟି ଆଦାୟକୁ ନେଇ ଦୁର୍ବୃତ୍ତମାନେ ଏପରି କରିଥିବା ଏସ୍‌ପି କହିଛନ୍ତି। ଗିରଫ ହୋଇଥିବା ଧୀରେନ୍ଦ୍ରନାଥ ମୋଷ୍ଟ ୱାଣ୍ଟେଡ୍ ଏବଂ ତାଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ହତ୍ୟା ସମେତ ଅନେକ ଆପରାଧିକ ମାମଲା ରହିଥିବା ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି। ପୋଲିସ କେସ୍ ନଂ.୩୫/୨୬ରେ ଏକ ମାମଲା ରୁଜୁ କରିବା ସହ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି।

# ଉଦୟଭାନୁଙ୍କ ଗିରଫ ପ୍ରତିବାଦରେ ଯୁବ କଂଗ୍ରେସର ବିକ୍ଷୋଭ

କୋଣାର୍କ,୨୭।୨(ଜ୍ୟୋତିରାଜ ମହାନ୍ତି)

କେନ୍ଦ୍ର ସରକାର ଯୁବ କଂଗ୍ରେସର ଜାତୀୟ ସଭାପତି ଉଦୟଭାନୁ ଚିବ୍‌ଙ୍କୁ ଗିରଫ କରିବା ପ୍ରତିବାଦରେ କାକଟପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର କୋଣାର୍କ ମେଡିକାଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କାକଟପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପୁରୀ ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ନାୟକ, ରାଜ୍ୟ ସୋସିଆଲ ମିଡିଆ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, କୋଣାର୍କ ନଗର କଂଗ୍ରେସ ସଭାପତି ଉପେନ୍ଦ୍ର କାଣ୍ଡି, ଗୋପ ବ୍ଲକ ପ୍ରାକ୍ତନ ସଭାପତି ଭାସ୍କର ଚନ୍ଦ୍ର ସେଠ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେଶପ୍ରାଣ ଲେଙ୍କା, ଯୁବ କଂଗ୍ରେସ ରାଜ୍ୟ ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା, ପୂର୍ବତନ ଯୁବ କଂଗ୍ରେସ ସଭାପତି ସ୍ୱାଧୀନ ନାୟକ, ଲୋକନାଥ ବେହେରା, ପ୍ରତାପ କାଣ୍ଡି, ନିରଞ୍ଜନ ଖୁଣ୍ଟିଆ ଓ ଦିଲ୍ଲୀପ ନାୟକଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କର୍ମୀ ଏଥିରେ ସାମିଲ ଥିଲେ। ସୂଚନା ଅନୁଯାୟୀ, ନୂଆଦିଲ୍ଲୀରେ ଆୟୋଜିତ ଏଆଇ ସମିଟ୍‌ରେ ଉଦୟଭାନୁଙ୍କ ନେତୃତ୍ୱରେ ଶତାଧିକ ଯୁବ କଂଗ୍ରେସ କର୍ମୀ ପିନ୍ଧିଥିବା ନିଜ ପୋଷାକ ଖୋଲି ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ ଦିଲ୍ଲୀ ପୋଲିସ ଉଦୟଭାନୁଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀଙ୍କୁ ଗିରଫ କରିଥିଲା।




କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଓଡ଼ିଶୀ ଆମ ସଂସ୍କୃତିର ବଡ଼ ପରିଚୟ

ପୁରୀ,୨୭।୨(ଅଜିତ୍ କୁମାର ମହାନ୍ତି)




ଜଣେ କଳାକାର ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି ।

ଓଡ଼ିଶୀ ଆମ ସଂସ୍କୃତିର ଏକ ବଡ଼ ପରିଚୟ। ତାହା ବର୍ଷ ପରେ ବର୍ଷ ଆମ ମହାନ୍ ସଂସ୍କୃତି ଓ ସାଂସ୍କୃତିକ ଭାବଧାରାକୁ ମହନୀୟ କରିଚାଲିଛି ବୋଲି ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ କହିଛନ୍ତି। ପୁରୀ ଟାଉନ୍ ହଲ୍‌ଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ଆସରର ଆୟୋଜନ ହୋଇଥିଲା। ଏହାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିବା ସହ କଳା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ନିଜ ସଙ୍ଗୀତ ଗୁରୁ ଶ୍ୟାମସୁନ୍ଦର ସିଂହାରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣକରି ଗୁରୁଙ୍କ ଲାଗି ତାଙ୍କର ପରିଚୟ ମିଳିଛି ବୋଲି କହିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ଆସର ବା ଓଡ଼ିଶୀ ସଙ୍ଗୀତ ପରିବେଷଣ ବ୍ୟବସ୍ଥାର ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ। ଫଳରେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ସହଜ ହୋଇପାରିବ। ଆଗାମୀ ପିଢ଼ି ଲାଗି ଏହା ଏକ ବଡ଼ ଉପଲବ୍ଧି ହୋଇପାରିବ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଦ୍ୱାନ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଓଡ଼ିଶାର ପ୍ରତିଟି ଶବ୍ଦରେ କଳାର ଝଙ୍କାର ପ୍ରତିଧ୍ୱନିତ ହୁଏ। ପ୍ରାଚୀନତା ମଧ୍ୟରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ଆଧିପତ୍ୟ ଯେତିକି ମଧୁରତା ତତୋଧିକ। ଏହାର ପ୍ରଚାର ପ୍ରସାର ପାଇଁ ଏହି ଆସର ଏକ ପ୍ରମୁଖ ମାଧ୍ୟମ ପାଲଟିବ ବୋଲି କହିଥିଲେ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକସମ୍ପର୍କଉପନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରଥମ କାର୍ଯ୍ୟକ୍ରମ ଭାବେ ମର୍ଦ୍ଦଳ ବାଦନ ଆଦି ତାଳ କଳାକାର ସଚ୍ଚିଦାନନ୍ଦ ଦାସ, ଅରୂପ ଦାସ ଓ ପି. ଗୁଲ୍‌ସନ କୁମାର ପରିବେଷଣ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମ ଭାବେ ଲକ୍ଷ୍ମୀପ୍ରିୟା ନାୟକଙ୍କ ଦ୍ୱାରା ଏକକ ଓଡ଼ିଶୀ ଗାୟନ, ତୃତୀୟ କାର୍ଯ୍ୟକ୍ରମ ରୂପକ ପରିଡ଼ାଙ୍କ ଦ୍ୱାରା ଏକକ ଓଡ଼ିଶୀ ଗାୟନ ଓ ଚତୁର୍ଥ ବା ଅନ୍ତିମ କାର୍ଯ୍ୟକ୍ରମ ଭାବେ ବୃନ୍ଦ ଯନ୍ତ୍ରସଙ୍ଗୀତ ପରିବେଷଣ ରାଗ କଲ୍ୟାଣ, ତାଳ ପତି ପରିବେଷଣ କରାଯାଇଥିଲା। ହାରମୋନିୟମ୍‌ରେ ମୁରଲୀଧର ସ୍ୱାଇଁ, ମର୍ଦ୍ଦଳରେ ଗୁରୁ ସଚ୍ଚିଦାନନ୍ଦ ଦାସ, ସିତାରରେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ, ବେହେଲାରେ ସୁରମଣି ରମେଶ ଚନ୍ଦ୍ର ଦାସ, ବଂଶୀରେ ରୁଦ୍ର ପ୍ରସାଦ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ବିଭାଗୀୟ ମୁଖ୍ୟ ଗୁରୁ କେଶବ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ସଂସ୍କୃତି ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ କଳାକାର ଅଭିଜିତ୍ ମଜୁମ୍‌ଦାର, ଗୀତା ପଟ୍ଟନାୟକ ଓ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

**କୁମାରପୁର ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ପାଇଁ ମାଟି ଅନୁକୂଳ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଆଠଗଡ଼ ବ୍ଲକ କୁମାରପୁର ପଞ୍ଚାୟତ ପ୍ରସିଦ୍ଧ ମା' ବାସନ୍ତୀ ଦୁର୍ଗାଙ୍କ ଆଗାମୀ ଅଶୋକାଷ୍ଟମୀ ପୂଜା ପାଇଁ ମାଟି ଅନୁକୂଳ ସମ୍ପନ୍ନ ହୋଇଛି। କୁମାରପୁର ଗ୍ରାମ ମଧ୍ୟରେ ଥିବା ମା' ଦୁର୍ଗାଙ୍କ ମନ୍ଦିର ପରିସରରେ ପଣ୍ଡିତ ବ୍ରଜବନ୍ଧୁ ମିଶ୍ର, ସୁରେଶ ଚନ୍ଦ୍ର ପଣ୍ଡା ଓ ସୁକାନ୍ତ ପଣ୍ଡାଙ୍କ ସହିତ କୁମାରପୁର ଗ୍ରାମ ମୁରବି ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ପରେ ଗ୍ରାମର ଆବାଳବୃଦ୍ଧ ସମୂହ ଏକ ବିରାଟ ଶୋଭାଯାତ୍ରା ସହ କୀର୍ତ୍ତନ ମଣ୍ଡଳୀ ସହିତ କୁମାରପୁର ନୂଆ ପୋଖରୀକୁ ଯାଇଥିଲେ। ସେଠାରେ ମାଟି ପୂଜା କରି ଆବାହନ କରିବା ପରେ ମାଟି ନେଇ ମନ୍ଦିରକୁ ଫେରିଥିଲେ। ଗୁରୁଠାରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିଗଢ଼ା କାର୍ଯ୍ୟ ଆରମ୍ଭ ହେବ ବୋଲି ଗ୍ରାମବାସୀ ଜଣାଇଛନ୍ତି।

**ସଂକ୍ଷେପରେ**

## ନିଆଁ ଲାଗି ଜଳିଗଲା ୫ ପାଳଗଦା

ବାଙ୍କୀ,୨୭।୨(ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତସ୍ଥିତ ବାଉଁଶପୁଟ ଗ୍ରାମରେ ଗୁରୁବାର ନିଆଁ ଲାଗି ୫ ଗୋଟି ପାଳଗଦା ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ସ୍ଥାନୀୟ ବାସିନ୍ଦା ଓ ତିଗିରିଆ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଗ୍ରାମର ରାମଚନ୍ଦ୍ର ପ୍ରଧାନ ୨, ମାୟାଧର ରାଉତ ୧, ସନ୍ତୋଷ ପ୍ରଧାନ ୧, ରବୀନ୍ଦ୍ର ରାଉତ ୧ ପାଳ ଗଦା ଗୋରୁଙ୍କ ଖାଦ୍ୟ ନିମନ୍ତେ ଗଦାଇ ରଖିଥିଲେ। କୌଣସି ଦୁର୍ବୃତ୍ତ ପାଳଗଦାରେ ନିଆଁ ଲଗାଇ ପୋଡ଼ି ଦେବାରୁ ସେମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଫଳରେ ପାଳ ଗଦାଇ ରଖିଥିବା ଚାଷୀମାନେ ଦୁଃଖରେ ଭାଙ୍ଗିପଡିଛନ୍ତି। ଗୋରୁଙ୍କ ପାଇଁ ରଖିଥିବା ଖାଦ୍ୟ ପାଳ ଗଦାର ଆକଳନ କରି ଚାଷୀମାନଙ୍କୁ କ୍ଷୟକ୍ଷତି ଯୋଗାଇଦେବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଅନୁରୋଧ କରିଛନ୍ତି।

## ହତ୍ୟା ଅଭିଯୋଗ ଆଣିଲେ ବାପା

**ଫଜିଓଥେରାପିଷ୍ଟଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

କଣ୍ଟାପଡା,୨୭।୨(ସୁରନାରାୟଣ ସାହୁ)

ଓଲଟପୁର ଥାନା ଅନ୍ତର୍ଗତ ଓଲଟପୁର ଗ୍ରାମରେ ଏକ ଭଡାଘରେ ରହୁଥିବା ଫିଜିଓଥେରାପିଷ୍ଟ ରୁହାନ କାକାଟି(୨୯)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତକଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଓଲଟପୁର ଥାନାରେ ଏକ ହତ୍ୟା ମାମଲ (ନଂ.୩୮/୨୬) ରୁଜୁକରି ତଦନ୍ତ ଚଳାଇଛି। ଖବରରୁ ପ୍ରକାଶ, ଗୁରୁବାର ସକାଳେ ରୁହାନଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ସେ ରହୁଥିବା ଭଡାଘର ପଛପଟୁ ମିଳିଥିଲା। ତେବେ ମୃତ ରୁହାନଙ୍କ ବାପା ବିକୁଲ କୁମାର କାକାତି ଓ ତାଙ୍କ ସମ୍ପର୍କୀୟମାନେ ଆସାମରୁ ଫ୍ଲାଇଟ ଯୋଗେ ଅସି ରାତ୍ରି ପ୍ରାୟ ୧୦ଟା ବେଳେ ଏଠାରେ ପହଞ୍ଚିଥିଲେ। ସେମାନେ ପୁଅଙ୍କୁ ହତ୍ୟା କରାଯାଇ ଥାଇପାରେ, ତେଣୁ ଏହାର ପ୍ରକୃତ ତଦନ୍ତ ପାଇଁ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ପରେ ପୋଲିସ ରାତି ପ୍ରାୟ ୧୨ଟାବେଳେ ରୁହାନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ମୃତଦେହ ବ୍ୟବଚ୍ଛେଦ ପାଇଁ ପରିବାରବର୍ଗ ହଟହଟା

କଟକ,୨୭।୨(ଶିଳ୍ପା ପ୍ରିୟଦର୍ଶିନୀ)



**ଏସ୍‌ସିବି ମେଡିକାଲ**

**୮ ରୁ ୯ ଘଣ୍ଟା ନନ୍‌ଟ୍ରମା କାଜୁଆଲ୍‌ଟିରେ ପଡ଼ିରହିଲା ମୃତଦେହ**

ଏସ୍‌ସିବି ମେଡିକାଲରେ ଦିନକୁ ଦିନ ନିୟମ ପରିବର୍ତ୍ତନ ହେଉଛି। କିନ୍ତୁ ଯେଉଁ ନିୟମ ଏବେ ରୋଗୀ ଓ ସମ୍ପର୍କୀୟଙ୍କୁ କୁହାଯାଉଛି ସେ ନିୟମ ନେଇ ମେଡିକାଲ କର୍ତ୍ତୃପକ୍ଷ ଅବଗତ ନାହାନ୍ତି। ସେହିପରି ମୃତକଙ୍କ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ମେଡିକାଲର ନନ୍‌ଟ୍ରମା କାଜୁଆଲ୍‌ଟିରେ ରୋଗୀ ମୃତ ହେବା ମାତ୍ରେ ଡାକ୍ତର ବ୍ୟବଚ୍ଛେଦ କରିବା ପାଇଁ ସିଧାସଳଖ ଟିକେଟରେ ଲେଖି ଦେଉଛନ୍ତି। ଏପରିକି ମୃତକଙ୍କ ମଧ୍ୟରେ ବୃଦ୍ଧାମାନଙ୍କୁ ମଧ୍ୟ ଏଥିରୁ ବାଦ୍ ଦିଆଯାଉନାହିଁ। ବରଂ ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ବ୍ୟବଚ୍ଛେଦ କରିବାକୁ ବାଧ୍ୟ କରାଯାଉଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ଘଟଣା ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟିରେ ଘଟିଥିବାବେଳେ ମୃତକଙ୍କ ପରିବାର ଏସ୍‌ସିବିରୁ ମଙ୍ଗଳାବାଗ ଥାନା ଧାଇଁ ନୟାନ୍ତ ହୋଇଛନ୍ତି।

ମିଳିଥିବା ସୂଚନା ମୁତାବକ, ବିଦ୍ୟାଧରପୁର ଅଞ୍ଚଳର ଜଣେ ୮୦ ବର୍ଷୀୟ ବୃଦ୍ଧା ଛାତିରେ ଯନ୍ତ୍ରଣା ହେବାରୁ ନନ୍‌ଟ୍ରମା କାଜୁଆଲ୍‌ଟିକୁ ଆସିବାବେଳେ ମେଡିକାଲ ପରିସରରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବୃଦ୍ଧାଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିବା ସହ ବ୍ୟବଚ୍ଛେଦ କରିବାକୁ ଲେଖିଥିଲେ। ତେବେ ବୃଦ୍ଧାଙ୍କ ମେଡିକାଲରେ ମୃତ୍ୟୁ ହୋଇଥିବାବେଳେ ଏହା ସାଧାରଣ ମୃତ୍ୟୁ ଏବଂ ପରିଣତ ବୟସରେ ବ୍ୟବଚ୍ଛେଦ ନ କରିବାକୁ ପରିବାର ଲୋକ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ହେଲେ ଏହା ନିୟମ ଥିବା କହିବା ସହ କେହି କର୍ଣ୍ଣପାତ କରି ନ ଥିଲେ। ପରେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଭଳି ମେଡିକାଲରୁ ଥାନାକୁ ଯିବା ଆସିବାରେ ପ୍ରାୟ ୮ରୁ ୯ ଘଣ୍ଟା ମୃତଦେହ କାଜୁଆଲ୍‌ଟିରେ ପଡ଼ିରହିଥିଲା। ଶେଷରେ ପରିବାର ଲୋକ ନିରାଶ ହୋଇ ବ୍ୟବଚ୍ଛେଦ କରାଇ ମୃତଦେହ ଘରକୁ ନେଇଥିଲେ।

ମେଡିକାଲର ନିୟମ ନେଇ ଜଣେ କର୍ମଚାରୀଙ୍କ ସୂଚନା ମୁତାବକ, ମେଡିକାଲରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୁଏ, ନଚେତ୍ କୌଣସି ରୋଗୀ ବାଟରେ ଆସିବାବେଳେ ମୃତ୍ୟୁବରଣ କରିଥିବେ ବା ସନ୍ଦେହଜନକ କୌଣସି ମୃତ୍ୟୁ ଥିବ ତେବେ ହିଁ ବ୍ୟବଚ୍ଛେଦ କରାଯିବ। ସେହିପରି ଯଦିଓ କୌଣସି ବୃଦ୍ଧ ରୋଗୀଙ୍କ ମେଡିକାଲରେ ମୃତ୍ୟୁ ହୁଏ, ଏବଂ ମେଡିକାଲ ଆସିବାବେଳେ ମୃତ୍ୟୁ ହୋଇଥାଏ, ତେବେ ବୟସ ଦୃଷ୍ଟିରୁ ବ୍ୟବଚ୍ଛେଦ କରା ନ ଯିବା ନିୟମ ପୂର୍ବରୁ ରହିଆସିଛି। ହେଲେ ଏବେ କିଛି ମାସ ହେବ ନନ୍‌ଟ୍ରମା କାଜୁଆଲ୍‌ଟିରେ ଯେକୌଣସି ରୋଗୀଙ୍କ ମୃତ୍ୟୁ ହେବା ମାତ୍ରେ ଡାକ୍ତର ବ୍ୟବଚ୍ଛେଦ ପାଇଁ ଲେଖୁଥିବା ଘଟଣା ସାମ୍ନାକୁ ଆସିଛି। ତେବେ ଏସ୍‌ସିବିକୁ ସାଧାରଣ ଭାବେ ଆସୁଥିବା ରୋଗୀଙ୍କ ମୃତ୍ୟୁ ହେଲେ ଏଭଳି ବ୍ୟବଚ୍ଛେଦ ଭଳି ନିୟମ ଯୋଗୁ ମୃତକଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିୟମ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି, ସମସ୍ତ ମୃତକଙ୍କ ପାଇଁ ଏହି ନିୟମ ନାହିଁ ବରଂ ଯାହାର ମୃତ୍ୟୁକୁ ନେଇ କୌଣସି ସନ୍ଦେହ ଥିବ ତାଙ୍କର ବ୍ୟବଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

## କେନାଲରେ ବୁଡ଼ି ବୃଦ୍ଧା ମୃତ

ବାରଙ୍ଗ,୨୮।୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମର ଜଣେ ବୃଦ୍ଧା ବାରଙ୍ଗ–ପୁରୀ ମୁଖ୍ୟ କେନାଲରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତା ଜଣକ ଉକ୍ତ ଗ୍ରାମର ଶାନ୍ତିଲତା ବେହେରା (୭୫)। ଘର ଟାଙ୍କିରେ ପାଣି ନ ଥିବାରୁ ସେ ଶୁକ୍ରବାର କେନାଲକୁ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ତାଙ୍କର ଚପଲ କେନାଲତୁଠରେ ଥିବା ଦେଖିଥିଲେ। ସନ୍ଦେହ ହେବାରୁ ବାରଙ୍ଗ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି ପରେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଥିଲା।

## ଆଠଗଡ଼ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷଙ୍କ ସମର୍ଥକଙ୍କ ନାମରେ ଥାନାରେ ଏତଲା

ଖୁଣ୍ଟୁଣୀ,୨୭।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷଙ୍କ ସମର୍ଥକଙ୍କ ନାମରେ କୁମାରପୁର ଦଣ୍ଡାପଡ଼ିଆ ଗ୍ରାମର ଜଣେ ଆବାସ ହିତାଧିକାରୀ ଦିସୁ ଗାଗରାଇ ଗୁରୁଡ଼ିଝାଟିଆ ଥାନାରେ ଏତଲା ଦେଇଥିବା ଜଣାପଡିଛି। ପୋଲିସ ଏତଲା ଗ୍ରହଣ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଶୁଭେନ୍ଦୁ କୁମାର ମିଶ୍ର ସୂଚନା ଦେଇଛନ୍ତି। ଆଠଗଡରେ ଏବେ ଶାସକ ଓ ବିରୋଧୀ ଦୁଇ ରାଜନୈତିକ ଦଳ ମଧ୍ୟରେ ପରସ୍ପର ବିରୋଧି ବୟାନବାଜି ଚାଲିଥିବା ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର ରାତିରେ କୁମାରପୁର ପଞ୍ଚାୟତ ଦଣ୍ଡାପଡ଼ିଆ ଗ୍ରାମର ଦିସୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ଦୁଇଜଣ ସମର୍ଥକଙ୍କ ନାମରେ ସ୍ଥାନୀୟ ଗୁରୁଡିଝାଟିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଶୁକ୍ରବାର ପୂର୍ବାହ୍ନରେ ଗାଗରାଇ ଆବାସ ଯୋଜନାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଚାର୍ଯ୍ୟ ତାଙ୍କୁ କିପରି ଆବାସ ଯୋଜନାରେ ହଇରାଣ କରିଛନ୍ତି ତାହା ଆଠଗଡ଼ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ। ବାଟରେ ତାଙ୍କୁ ଆଚାର୍ଯ୍ୟଙ୍କ ଦୁଇ ସମର୍ଥକ ଅଟକାଇ ନାନାଙ୍କ ବିରୋଧରେ ଅଭିଯୋଗ କଲେ ଜୀବନରୁ ଶେଷ କରିଦେବାକୁ ଧମକ ଦେଇଥିବା କହିଥିଲେ। ଏ ନେଇ ଥାନା ଅଧିକାରୀ ଶୁଭେନ୍ଦୁ ମିଶ୍ରଙ୍କୁ ପଚାରିବାରେ ସେ ଅଭିଯୋଗକୁ ଗ୍ରହଣ କରି ଅନୁଧ୍ୟାନ କରୁଥିବା କହିଥିଲେ । ଘଟଣା ସମ୍ପର୍କରେ ରଞ୍ଜନ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି କହିଥିଲେ। କିଛିବର୍ଷ ତଳେ ଆବାସ ଯୋଜନା ଘର ପାଇଥିଲେ ମଧ ଏବେ ଅଭିଯୋଗର ମାନେ କ'ଣ ବୋଲି କହି ଆଗକୁ ପଞ୍ଚାୟତ ନିର୍ବାଚନ ଅଛି ସେଥିପାଇଁ ଅସ୍ଥିରତା ସୃଷ୍ଟି ପାଇଁ କେତେଜଣ ଏପରି ହୀନ ଉଦ୍ୟମ କରୁଛନ୍ତି ବୋଲି କହିଥିଲେ।

# ଅମିତ୍ ଶାହାଙ୍କ ଗସ୍ତ ନେଇ ଜିଲାପାଳଙ୍କ ସମୀକ୍ଷା



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଗସ୍ତ ନେଇ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି।

କଟକ,୨୭।୨(କାର୍ତ୍ତିକ ସାହୁ)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆସନ୍ତା ୫ ଓ ୬ ତାରିଖରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ୬ ତାରିଖରେ କଟକ ଜିଲା ମୁଣ୍ଡଳିସ୍ଥିତ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) କେଆରଟିସି ପରିସରରେ ଆୟୋଜିତ ୫୭ତମ ରାଇଜିଂ ଡେ' ପରେଡରେ ମୁଖ୍ୟଅତିଥି ଭାବେ ଶାହା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ମୁଣ୍ଡଳିସ୍ଥିତ ସିଆଇଏସ୍‌ଏଫ୍ ହେଡ କ୍ୱାର୍ଟର୍ସଠାରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ନିଗମ, ପୋଲିସ, ସିଆଇଏସ୍‌ଏଫ୍ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ଟିପିସିଓଡିଏଲ, ୱାଟକୋ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ସହ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କ ଉପସ୍ଥିତରେ ଗସ୍ତ ସମୟରେ ସମସ୍ତ ବ୍ୟବସ୍ଥା ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ଆଲୋଚନା କରାଯାଇଥିଲା। ମୁଣ୍ଡଳିସ୍ଥିତ ସିଆଇଏସ୍‌ଏଫ୍ କ୍ୟାମ୍ପସକୁ ସଂଯୋଗ କରୁଥିବା ସମସ୍ତ ସଡ଼କର ମରାମତି, ଖାଲଖମା ପୁରଣ, ଟ୍ରାଫିକ ନିୟନ୍ତ୍ରଣ, ଆବଶ୍ୟକତା ଅନୁସାରେ ରୁଟ ଡାଇଭର୍ସନ, ଅଳିଆ ଆବର୍ଜନା ସଫେଇ, ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ଆଦି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଇଜିଂ ଡେ' ପରେଡ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା, ବ୍ୟାକଅପ ଜେନେରେଟର୍ ବ୍ୟବସ୍ଥା, ପାନୀୟ ଜଳ, ଅସ୍ଥାୟୀ ଚିକିତ୍ସା ସେବା, ଆମ୍ବୁଲାନ୍ସ ଆଦି ପ୍ରସ୍ତୁତ ରଖିବାକୁ ସମ୍ବନ୍ଧିତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ମନ୍ତ୍ରୀଙ୍କ ଗସ୍ତ ଓ ଜାତୀୟ ମହତ୍ୱ ରଖୁଥିବା କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗ ସମନ୍ୱୟପୂର୍ବକ କାର୍ଯ୍ୟ କରିବାକୁ କୁହାଯାଇଛି। ଅତିରିକ୍ତ ଜିଲାପାଳ କମଳଜିତ ଦାସ ଗସ୍ତ କାର୍ଯ୍ୟକ୍ରମର ନୋଡାଲ ଅଫିସର ଭାବେ କାର୍ଯ୍ୟଭାର ସମ୍ଭାଳିବେ।

## ୬ରେ ସିଏମ୍‌ସି କାଉନସିଲ୍ ବୈଠକ

କଟକ,୨୭।୨(କୁମାରଶ୍ରୀ)

ଆସନ୍ତା ୬ ତାରିଖରେ କଟକ ମହାନଗର ନିଗମର କାଉନସିଲ ବୈଠକ ଅନୁଷ୍ଠିତ ହେବ। ଏହା ପୂର୍ବରୁ ନିଗମର ସମ୍ମିଳନୀ କକ୍ଷରେ ଶୁକ୍ରବାର ୱାର୍ଡୱାରୀ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚିଠା ବଜେଟକୁ ନେଇ ଆଲୋଚନା ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ଆୟୋଜିତ ସମୀକ୍ଷା ବୈଠକରେ ପ୍ରଥମେ ୱାର୍ଡ ନଂ. ୧ରୁ ୱାର୍ଡ ନଂ. ୩୦ର କର୍ପୋରେଟର ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୨୯ଟି ୱାର୍ଡର କର୍ପୋରେଟର ସାମିଲ ହୋଇଥିଲେ। ଆସନ୍ତା କାଉନସିଲ ବୈଠକରେ ୨୦୨୬–୨୭ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରାଯିବ। ତେବେ କାଉନସିଲରେ ବଜେଟ୍ ପାସ୍ ହେବା ପୂର୍ବରୁ କର୍ପୋରେଟରମାନଙ୍କ ସହ ଆଲୋଚନା କରାଯାଇ ଆୟବ୍ୟୟ ରିପୋର୍ଟର ଅନୁଧ୍ୟାନ କରାଯାଇଥିଲା। କର୍ପୋରେଟରମାନଙ୍କ ମତାମତ ସହାୟତାରେ ଚିଠା ବଜେଟରେ ସଂଶୋଧନ କରାଯାଇଥିବା ଜଣାପଡ଼ିଛି। ବୈଠକରେ ମେୟର ସୁବାସ ସିଂହ, କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ପାଠଚକ୍ର




ରଘୁନାଥଜୀଉ କଲେଜରେ ଅନୁଷ୍ଠିତ ଆଞ୍ଚଳିକ ପାଠଚକ୍ରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

କଟକ,୨୭।୨(କାର୍ତ୍ତିକ ସାହୁ)

ଦେଉଳସାହିସ୍ଥିତ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଶା ଇତିହାସ କଂଗ୍ରେସର ଆଞ୍ଚଳିକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଜୟନ୍ତୀ ଦୋରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ଡ. ସୁବାସ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ, ଇତିହାସ ବିଭାଗ ମୁଖ୍ୟ କାନ୍ତିରେଖା ବିଶ୍ୱାଳ, ଅଧ୍ୟାପିକା ଚନ୍ଦନା ମହାନ୍ତି, କ୍ରିଷ୍ଟା ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ସରୋଜ କୁମାର ଦାଶ, ଡ. ପାରେଶ୍ୱର ସାହୁ, ନିହାର ରଜ ରଥ, ଡକ୍ଟର ଅକ୍ଷୟ କୁମାର ନାୟକ, ମନୋରଞ୍ଜନ ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ଇତିହାସ ବିଭାଗର ମୁଖ୍ୟ କାନ୍ତିରେଖା ବିଶ୍ୱାଳ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଚନ୍ଦନା ମହାନ୍ତି ବିବରଣୀ ପାଠ କରିଥିଲେ। ଅଧ୍ୟାପିକା କ୍ରିଷ୍ଟା ମହାନ୍ତି ଧନ୍ୟବାଦ ଦେଇଥିଲେ। ମୁରଲୀ ଫାଉଣ୍ଡେସନ୍ ତରଫରୁ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା 'ବାରବାଟୀ' ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ମହାବିଦ୍ୟାଳୟରୁ ଆସିଥିବା ଅଧ୍ୟାପକ ଓ ଅଧ୍ୟାପିକାମାନେ ନିଜର ସନ୍ଦର୍ଭ ପାଠ କରିଥିଲେ।

# ମାର୍ଚ୍ଚ ୧ରେ କଟକ ଦହିବରା ଆଳୁଦମ ଦିବସ

କଟକ,୨୭।୨(କାର୍ତ୍ତିକ ସାହୁ)

ଦହିବରା କେବଳ ଏକ ଖାଦ୍ୟ ନୁହେଁ, ଏହା କଟକିଆଙ୍କ ଆବେଗ ଓ ସାଂସ୍କୃତିକ ପରିଚୟର ଅଂଶ। ଏହି ଲୋକପ୍ରିୟ ଓ ପାରମ୍ପରିକ ଖାଦ୍ୟକୁ ନେଇ ସହରର ଭାବନାକୁ ଆହୁରି ଗାଢ଼ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧ରେ 'କଟକ ଦହିବରା ଆଳୁଦମ ଦିବସ' ପାଳନ କରାଯିବ। ଏହି ବିଶେଷ ଅବସରରେ ବାଲିଯାତ୍ରା ତଳପଡ଼ିଆସ୍ଥିତ କଟକ ଇନ୍ କଟକ ପରିସରରେ ଏକ ଉତ୍ସବର ଆୟୋଜନ କରାଯାଇଛି। ଏଠାରେ କଟକର ପ୍ରସିଦ୍ଧ ଦହିବରା ବ୍ୟବସାୟୀମାନେ ଅଂଶଗ୍ରହଣ କରି ବିଭିନ୍ନ ଷ୍ଟଲ, ସାଇକେଲ ଓ ଅନ୍ୟାନ୍ୟ ସାଧନରେ ସ୍ୱତନ୍ତ୍ର ସ୍ୱାଦର ପରିଚୟ ଦେବେ। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଦହିବରା ଆଳୁଦମ ଦିବସରେ ଖାଦ୍ୟପ୍ରେମୀଙ୍କ ଭିଡ଼ ଦେଖିବାକୁ ମିଳିବ। କଟକର ଲୋକପ୍ରିୟତା ପାଇ ଆସିଥିବା ପରମ୍ପରାଗତ ଏହି ଖାଦ୍ୟ ସଂସ୍କୃତିକୁ ରାଜ୍ୟ ଓ ଜାତୀୟ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏହି ଦହିବରା ଆଳୁଦମ ଦିବସ ପାଳନ କରାଯାଉଛି। ଏହାଦ୍ୱାରା ସହରର ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି। ଉତ୍ସବକୁ ଆକର୍ଷଣ କରିବା ପାଇଁ ସେଲ୍ଫି ଜୋନ ବ୍ୟବସ୍ଥା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସକାଳ ୯ଟାଠାରୁ ଏହି ଉତ୍ସବ ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଗୋପାଳକଙ୍କ ମୃତ୍ୟୁ

କଟକ,୨୭।୨(କାର୍ତ୍ତିକ ସାହୁ)

କ୍ଷେତରେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଗୋପାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ଥାନା ଖଲର୍ଦ୍ଧି ଅନ୍ତର୍ଗତ ମହେଶପୁର ଗ୍ରାମର ଭାସ୍କର ସାହୁ (୫୨)। ଘଟଣାରୁ ପ୍ରକାଶ, ଶୁକ୍ରବାର ଅପରାହ୍ନରେ ଭାସ୍କର ସ୍ଥାନୀୟ ଚାଷୀଙ୍କ ପରିବା ଫସଲ କ୍ଷେତ ନିକଟରେ ଘାସ କାଟୁଥିଲାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ ମଧ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଷଣ୍ଢ ଓ ମାକଡ଼ଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଏହି ତାର ଟଣା ଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି।

# ଗଡ଼ଜାତ ପାରମ୍ପରିକ ଦୋଳଯାତ୍ରାର ଶୁଭାରମ୍ଭ

ଆଠଗଡ,୨୭।୨(ସତ୍ୟ ପ୍ରସାଦ ରଥ)



ଆଠଗଡ଼ ଗଡ଼ଜାତର ଗଣପର୍ବ ଦୋଳଯାତ୍ରାର ଶୁଭାରମ୍ଭ ପବିତ୍ର ଫଗୁଦଶମୀରୁ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ସାହିବସ୍ତିରେ ଠାକୁରମାନଙ୍କ ନିକଟରେ ଚାଚେରୀ ଭୋଗ ଲାଗି ହୋଇଥିଲା। ଫଗୁଦଶମୀ ଅବସରରେ ଆଠଗଡ ରାଜବଂଶର ଇଷ୍ଟଦେବ ଶ୍ରୀ ରାଧାଗୋବିନ୍ଦ ଦେବ, ଶ୍ରୀ ଅଙ୍ଗାଳୀ ଜଗନ୍ନାଥ, ଶ୍ରୀ ରଘୁନାଥ ଦେବ, ଶ୍ରୀ ଲକ୍ଷ୍ମୀନୃସିଂହ ଦେବ ଓ ରାଧାରସିକ ମଠର ଠାକୁର ପ୍ରମୁଖ ବିମାନମାନରେ ବିରାଜ ହୋଇ ଆଠଗଡ କୃଷ୍ଣବଲ୍ଲଭ ମନ୍ଦିରରେ ରାଜାଘର ଭୋଗ ଲାଗି ହୋଇଛନ୍ତି। ଏହାପରେ ଠାକୁରମାନେ ରାଧାନାଥପୁର ଶାସନ, ରାସରସିକପୁର ଆଦି ଗ୍ରାମରେ ଦୁଆରୀ ଚାଚେରୀ ଭୋଗ ଲାଗି ହୋଇଛନ୍ତି। ଏଥିପାଇଁ ଆଠଗଡ ଦେବୋତ୍ତର ବିଭାଗ ପକ୍ଷରୁ ପାରମ୍ପରିକ ବାଦ୍ୟ, ଘଣ୍ଟା, ଛତ୍ର ଓ ଆଲୋକ ଆଦିରେ ବିମାନଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇଛି। ଗଡଜାତୀୟ ପରମ୍ପରା ଅନୁଯାୟୀ ଏହା ରାଜବଂଶର ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଗଡର ସମସ୍ତ ସାହି ବସ୍ତିରେ ଚାଚେରୀ ଭୋଗ ଲାଗି ପରେ ଚତୁର୍ଦ୍ଦଶୀରେ ଅଗ୍ନି ଦହନ ପରେ ଗ୍ରାମାଞ୍ଚଳରେ ଦୋଳଯାତ୍ରା ଆରମ୍ଭ ହେବ।

# ନୂଆ ଫର୍ମାଟ୍‌ରେ ଖେଳାଯିବ ଓୱାଇଏପିଏଲ୍




କଟକ,୨୭।୨(କୁମାରଶ୍ରୀ)

ଓଡ଼ିଶା ୟଙ୍ଗ୍ ଆଡଭୋକେଟ୍‌ସ ପ୍ରିମିୟର ଲିଗ୍ (ଓୱାଇଏପିଏଲ)ର ପ୍ରଥମ ଦୁଇ ସଂସ୍କରଣର ସଫଳତା ପରେ ଚଳିତ ସଂସ୍କରଣକୁ ନୂଆ ଫର୍ମାଟ୍‌ରେ ଆୟୋଜନ କରାଯିବ। ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍ ଆଇପିଏଲ୍ ଭଳି ପେସାଦାର କ୍ରିକେଟ ପ୍ରତିଯୋଗିତା ଢଙ୍ଗରେ ଖେଳାଯିବ। ଡ. ଅଶୋକ ମହାପାତ୍ର ମେମୋରିଆଲ କମିଟି ସହଯୋଗରେ ଆୟୋଜିତ ଏହି ଲିଗ୍ ବିଡାନାସୀ ଗ୍ରାଉଣ୍ଡରେ ଦୁଇ ଦିନ ଧରି ଚାଲିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ତଳତେଲେଙ୍ଗାବଜାରସ୍ଥିତ ସ୍ୱର୍ଗତ ମହାପାତ୍ରଙ୍କ ବାସଭବନରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୬ଟି ଫ୍ରାଞ୍ଚାଇଜକୁ ନେଇ ୬ଟି ଦଳ ଗଠନ କରାଯାଇଛି। ଖେଳାଳିମାନଙ୍କୁ ନିଲାମ ପ୍ରକ୍ରିୟାରେ ଦଳରେ ସାମିଲ କରାଯାଇଛି। ରୟାଲ ଜାଗୁଆର୍ସ ଦଳର ମାଲିକ ଆଇନଜୀବୀ ବିଦ୍ୟାଲୋକ ମହାପାତ୍ର ଥିବା ବେଳେ ଜଷ୍ଟିସ ସ୍କ୍ୱାର୍ଡର ମାଲିକ ଆଇନଜୀବୀ ସିଦ୍ଧାନ୍ତ ଦ୍ୱିବେଦୀ, ଲିଗାଲ ଇଗଲ୍ସର ମାଲିକ ଆଇନଜୀବୀ ବିଶ୍ୱଜିତ ସିଂହ, ସୁପର ତରୁଣସ ଇଲେଭେନର ମାଲିକ ଆଇନଜୀବୀ ପ୍ରଣୟ ସ୍ୱାଇଁ, ଲିଗାଲ ଷ୍ଟ୍ରାଇକର୍ସର ମାଲିକ ଆଇନଜୀବୀ ଅଂଶୁମାନ ରାୟ, ଏମଏମସି ୱାରିୟର୍ସର ମାଲିକ ଆଇନଜୀବୀ ଆଲୋକ ମହାପାତ୍ର ରହିଛନ୍ତି। ବିଜୟୀ ଦଳକୁ ଟ୍ରଫି ସମେତ ୨୦ହଜାର ଟଙ୍କା ଏବଂ ରନରଅପ ଦଳକୁ ଟ୍ରଫି ସମେତ ୧୫ ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ। ଲିଗ୍ ପରିଚାଳନା କମିଟିର ସଦସ୍ୟ ଆଦ୍ୟାସିଦ୍ଧି ମିଶ୍ର, ଆଶୁତୋଷ ବେହେରା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ୧୮୧୧୯ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୨୬୨ ଗିରଫ

କଟକ,୨୭।୨(କାର୍ତ୍ତିକ ସାହୁ)

**'ଅପରେଶନ ସାଇବର କବଚ'**

ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟରେ ଚାଲିଥିବା 'ଅପରେଶନ ସାଇବର କବଚ' ଅଭିଯାନରେ ମୋଟ ୧୮,୧୧୯ଟି ମ୍ୟୁଲ/ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ତନ୍ମଧ୍ୟରୁ ମ୍ୟୁଲ ବ୍ୟାଙ୍କ ସମ୍ପର୍କିତ ୬୨୩ଟି ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୨୮ଟି, ଚେକ ଟଙ୍କା ଉଠାଣ ସମ୍ପର୍କିତ ୨୩ଟି ଏବଂ ନକଲି ସିମ/PoS ସମ୍ପର୍କିତ ୧୩ଟି ମାମଲା ରୁଜୁ କରାଯାଇଛି। ଏଥିସହ ମୋଟ ୨୬୨ଜଣଙ୍କୁ ଗିରଫ କରାଯାଇ ନୂଆ ମାମଲା ଓ ୧୪୧ଟି ପୁରୁଣା ଏଫଆଇଆର୍ ସଂପୃକ୍ତ ୪,୧୫୨ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ/ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି।

ସୂଚନାନୁସାରେ, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲା ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ସାଇବର କ୍ରାଇମ ୟୁନିଟଗୁଡ଼ିକ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ବିଶେଷ ଅଭିଯାନରେ ଖୋର୍ଦ୍ଧା ଜିଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ ବ୍ୟାଙ୍କ ସମ୍ପୃକ୍ତ ୨ଟି, ଏଟିଏମ୍ ଟଙ୍କା ଉଠାଣ ସମ୍ପୃକ୍ତ ୬ଟି ଏବଂ ଚେକ ଟଙ୍କା ଉଠାଣ ସମ୍ପୃକ୍ତ ଗୋଟିଏ ମାମଲା ରୁଜୁ କରି ୩ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ପୁରୀ ଜିଲା ପୋଲିସ ୬୫୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧୬ଟି ମାମଲା ରୁଜୁ କରି ୨ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ୨୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ଗୋଟିଏ ପୁରୁଣା ଏଫଆଇଆର୍ ସମ୍ପୃକ୍ତ ୨ଜଣଙ୍କୁ ନୋଟିସ ଜାରି କରିଛି। ବ୍ରହ୍ମପୁର ଜିଲା ପୋଲିସ ୫୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ପୁରୁଣା ଏଫଆଇଆର୍ ସମ୍ପୃକ୍ତ ୪୨ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ଢେଙ୍କାନାଳ ଜିଲା ପୋଲିସ ୮୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ସେହିପରି ଅନ୍ୟାନ୍ୟ ଜିଲାଗୁଡ଼ିକରେ ମଧ୍ୟ ଅନୁରୂପ ଭାବେ ବେନାମୀ ଆକାଉଣ୍ଟ ଯାଞ୍ଚ, ମାମଲା ରୁଜୁ ଗିରଫଦାରି ମଧ୍ୟ କରାଯାଇଛି। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଖୁରାନିଆ ସୂଚନା ଦେଇଛନ୍ତି।

